# ବ୍ୟାସନଗର ସହରରେ ଜମୁଛି କାଳୀପୂଜା






ବ୍ୟାସନଗର ସହରରେ ପୂଜା ପାଉଥିବା ମା' କାଳୀ।

ପୂଜାମଣ୍ଡପରେ ନିର୍ମିତ ତୋରଣ ଓ ଆଲୋକସଜ୍ଜା।

ମିନା ବଜାରରେ ଲୋକଙ୍କ ଭିଡ଼।

**ଯାଜପୁରରୋଡ୍, ୧୭।୧୧ (ପବିତ୍ର ରଞ୍ଜନ ମହାନ୍ତି)**

■ ଆଲୋକମାଳାରେ ଝଲସୁଛି ସହର

■ ପୂଜା ଦେଖିବାକୁ ପ୍ରବଳ ଜନସମାଗମ

ବ୍ୟାସନଗର ସହରରେ କାଳୀପୂଜା ବେଶ୍ ଜମୁଛି। ଚଳିତ ବର୍ଷ ପାଗ ଅନୁକୂଳ ଥିବାରୁ ସନ୍ଧ୍ୟାରେ ଶ୍ରଦ୍ଧାଳୁଙ୍କ ସଂଖ୍ୟା ବୃଦ୍ଧି ପାଉଛି। ଚଳିତ ବର୍ଷ ୧୫ ମଣ୍ଡପରେ ମା'ପୂଜା ପାଉଛନ୍ତି। ମଣ୍ଡପଗୁଡିକୁ ଆକର୍ଷଣୀୟ କରିବା ପାଇଁ ପୂଜା କମିଟିଗୁଡିକ ପକ୍ଷରୁ ପ୍ରତିଯୋଗିତାମୂଳକ ସାଜସଜ୍ଜା କରାଯାଇଛି। ମା'ଙ୍କ ମୂର୍ତ୍ତି, ବାରୁଆଳି, ତୋରଣ ଓ ଆଲୋକ ସଜା ଦର୍ଶକମାନଙ୍କ ମନମୋହୁଛି। ବିଭିନ୍ନ ପୂଜାମଣ୍ଡପରେ ଭଜନ ସନ୍ଧ୍ୟା, ମେଲୋଡି ଓ ସିନେକଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଉଛି। ଏହା ଦର୍ଶକଙ୍କୁ ବାନ୍ଧି ରଖୁଛି। ମଣ୍ଡପ ନିକଟରେ ମୀନବଜାର, ପିଲାଙ୍କ ପାଇଁ ଦୋଳି, ବିଭିନ୍ନ ପ୍ରକାର ସୁସ୍ୱାଦୁ ଖାଦ୍ୟର ପସରା ମେଲିଛି। ଛୋଟ ପିଲା ଓ ମହିଳା ଦୋଳି ଖେଳିବା ସହ ଚାର୍ଟ ଗୁପଚୁପ, ମଥୁରା କେକ, ଲଙ୍କା ଚପ ଓ ଫାଷ୍ଟ ଫୁଡର ମଜା ନେଉଛନ୍ତି। ଚାନ୍ଦମା ଓ ଚୋରଦା କାଳୀ ମେଳଣ ପଡିଆରେ ଅପେରା ଦେଖିବାକୁ ଭିଡ଼ ଜମୁଛି। ଶାନ୍ତି କମିଟି ସଦସ୍ୟ ଏବଂ ପ୍ରଶାସନିକ ଅଧିକାରୀ ପ୍ରତ୍ୟେକ ପୂଜା ମଣ୍ଡପକୁ ସନ୍ଧ୍ୟାରେ ପରିଦର୍ଶନ କରୁଛନ୍ତି। ଶୃଙ୍ଖଳିତ ଦର୍ଶନ ପାଇଁ ପୋଲିସ ପକ୍ଷରୁ ଟ୍ରାଫିକ ନିୟନ୍ତ୍ରଣ ସହ ମଣ୍ଡପ ଗୁଡିକରେ ପୋଲିସ ମୁତୟନ କରାଯାଇଛି। ଏହି ଗଣପର୍ବ ୧୨ ତାରିଖରୁ ଆରମ୍ଭ ହୋଇଛି। ୨୨ ତାରିଖରେ ମେଳଣ ଓ ଭସାଣି ଉତ୍ସବ ଅନୁଷ୍ଠିତ ହେବାକୁ ସ୍ଥିର ହୋଇଛି। ଚଳିତ ବର୍ଷ ମେଳଣ ଉତ୍ସବ ଦେଖିବାକୁ ଦୁଇ ଲକ୍ଷ ପାଖାପାଖି ଲୋକଙ୍କ ସମାଗମ ହେବ ବୋଲି ଆକଳନ କରାଯାଇଛି।

ପୂର୍ବରୁ ଓଡ଼ିଶାରେ କାଳୀପୂଜା କହିଲେ ଭଦ୍ରକ ସହରକୁ ବୁଝାଉଥିଲା। ୧୯୫୭ରେ ବ୍ୟାସନଗର ସହରେରେ ପ୍ରଥମେ କାଳୀପୂଜା ଆରମ୍ଭ ହୋଇ ଏବେ ଗଣପର୍ବରେ ପରିଣତ ହୋଇଛି। ସେତେବେଳେ ଏହି ସହର ଡୋଲିପୁର ଭାବେ ପରିଚିତ ଥିଲା। ପରେ ଯାଜପୁରରୋଡ ବର୍ତ୍ତମାନ ବ୍ୟାସନଗର ଭାବେ ପରିଚିତ। ସହରର ଚୋରଦା, ଧବଳଗିରି, ଚାନ୍ଦମା, କହ୍ନେଇପୁର, ଚୋରଦା ବାଇପାସ୍, ବ୍ୟାଙ୍କଷ୍ଟ୍ରିଟ୍, ରାଧାନାଥ ମାର୍ଗ, ଷ୍ଟେଶନ ବଜାର, ରେଳବାଇ ବିଏନ୍ଆର, ଗୋପବନ୍ଧୁ ନଗର, ଷ୍ଟିଲ ସିଟି, କୋପଣ୍ଡ, ନ୍ୟୁମାର୍କେଟ ଓ ଧବଳଗିରି ପୀଠରେ ଦେବୀ ପୂଜା ପାଉଛନ୍ତି। ଚଳିତ ବର୍ଷ ନହକା ବାଇପାସ ଓ ଦଳାରେ ଦୁଇଟି ମେଢ଼ ପୂଜାକୁ ଅଧିକ ଆକର୍ଷଣୀୟ କରିଛି। ପୌର ପରିଷଦ ପକ୍ଷରୁ ମଣ୍ଡପଗୁଡିକୁ ସଫେଇ କରାଯିବା ସହ ପାନୀୟ ଜଳ ବ୍ୟବସ୍ଥା କରାଯାଇଛି।

# ଶ୍ରମିକଙ୍କୁ ଏକଜୁଟ ହେବାକୁ ଆହ୍ୱାନ



ଧର୍ମଶାଳା ଶ୍ରମିକ ସଂଘ ସମାବେଶରେ ଯୋଗଦେଇଥିବା ଅତିଥି ଓ କର୍ମକର୍ତ୍ତା।

**ଚଢ଼େଇଧରା, ୧୭।୧୧ (ଦିଲୀପ ପରିଡ଼ା)**

## ଧର୍ମଶାଳା ଶ୍ରମିକ ସଂଘର ସମାବେଶ

ଧର୍ମଶାଳା ବ୍ଲକ ଅଧୀନ ବାଟିଯୋଡ଼ାଠାରେ ଶୁକ୍ରବାର ଧର୍ମଶାଳା ଶ୍ରମିକ ସଂଘର ଏକ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଧର୍ମଶାଳା ବିକାଶ ପରିଷଦ ସଦସ୍ୟ ରଞ୍ଜନ ଓଝାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଓବିସି ଛାତ୍ର ସଂଘ ରାଜ୍ୟ ଆବାହକ, ବିଦ୍ୟୁତ୍ କର୍ମଚାରୀ ସଂଘ ରାଜ୍ୟ ସଭାପତି ତଥା ଶ୍ରମିକ ସଂଘ ସଂଘ ସଭାପତି ଶ୍ରୀକାନ୍ତ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଧର୍ମଶାଳାର ଶ୍ରମିକଙ୍କୁ ଏକଜୁଟ ହେବାକୁ ଆହ୍ୱାନ କରିଥିଲେ। ପୂର୍ବରୁ ଧର୍ମଶାଳାର ଶ୍ରମିକମାନଙ୍କ ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ଥିଲା। ଏବେ କେତେଜଣ ମୁଷ୍ଟିମେୟ ଲୋକ ସେମାନଙ୍କ ହକ୍କୁ ଛଡାଇ ନେଇଛନ୍ତି। ସ୍ଥାନୀୟ ନିଯୁକ୍ତି କମିଯାଇଥିବାବେଳେ ନିର୍ବାଚନମଣ୍ଡଳୀ ବାହାରୁ କିଛି ମାଫିଆ ଶ୍ରେଣୀର ଲୋକ ଏବେ ଶ୍ରମିକଙ୍କୁ ସେମାନଙ୍କ ଅଧିକାରରୁ ବଞ୍ଚିତ କରିଛନ୍ତି ବୋଲି ଶ୍ରୀକାନ୍ତ କହିଥିଲେ।

ରାଜ୍ୟ ଯାଦବ ମହାସଭାର ସଭାପତି ଉତ୍ତମ ଦାସ, ସାମ୍ବାଦିକ ମାନସ ରଞ୍ଜନ ଜେନା, ଆର୍ତ୍ତତ୍ରାଣ ମଲିକ, ବେଣୁଧର ମଲିକ ପ୍ରମୁଖ ଯୋଗଦେଇ ଶ୍ରମିକମାନଙ୍କ ସମସ୍ୟା ଆଲୋଚନା କରିଥିଲେ। ସ୍ଥାନୀୟ ଅଞ୍ଚଳର କଳାପଥର କିପରି ଲୁଟ ହୋଇ ଚାଲିଛି ଓ ସେଥିରେ କେଉଁମାନେ ଉପକୃତ ହେଉଛନ୍ତି ତା'ର ବିଶଦ ଆଲୋଚନା କରିଥିଲେ। ଏଥିସହିତ ନିଜର ଅଧିକାର ପାଇଁ ଏବେ ଆନ୍ଦୋଳନର ସମୟ ଆସିଛି ବୋଲି କହିଥିଲେ। ବରଡ଼ାଠାରୁ ସଂପାରୁ ପର୍ଯ୍ୟନ୍ତ ରାସ୍ତା କଦର୍ଯ୍ୟ ହୋଇଛି। ରାସ୍ତାରେ ଶତାଧିକ ଭାରିଯାନ ଯାତାୟାତ ଫଳରେ ଏହି ଗ୍ରାମ୍ୟ ଉନ୍ନୟନ ରାସ୍ତା ଏଭଳି ଅବସ୍ଥା ହୋଇଥିବା ମଞ୍ଚାସୀନ ଅତିଥିମାନେ କହିଥିଲେ। ବିଶେଷକରି ଗର୍ଭବତୀ ଓ ଛାତ୍ରୀଛାତ୍ରଙ୍କ ପାଇଁ ଏହି ରାସ୍ତା ମରଣଯନ୍ତା ପାଲଟିଛି। ଏଥିରେ ବିଶେଷ ଭାବରେ ଶ୍ରମିକ କ୍ଷତିଗ୍ରସ୍ତ ହେଉଛନ୍ତି। ତେଣୁ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ସମାବେଶରେ ନିଷ୍ପତ୍ତି ନିଆଯାଇଥିଲା। ସେହିପରି ଶ୍ରମିକମାନେ ଯେଉଁ କ୍ରଶରରେ କାମ କରୁଛନ୍ତି ସେମାନଙ୍କ ପାଇଁ ମାଲିକ କୌଣସି ସୁରକ୍ଷା ବ୍ୟବସ୍ଥା କରୁ ନ ଥିବା ଶ୍ରମିକ ନେତାମାନେ କହିଥିଲେ। ଆଗାମୀ ଦିନରେ ଏସବୁ ଶ୍ରମିକ ସମସ୍ୟାକୁ ନେଇ ଶ୍ରୀକାନ୍ତ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବେ। ଏପରି କି ଯଦି ଦଳ ତାଙ୍କୁ ସୁଯୋଗ ଦିଏ ତେବେ ଧର୍ମଶାଳାରେ ବିଜୁ ଜନତା ଦଳରୁ ପ୍ରାର୍ଥୀ ହୋଇ ଶ୍ରମିକଙ୍କ ସ୍ୱାର୍ଥ ପାଇଁ ପ୍ରଚେଷ୍ଟା ଜାରି ରଖିବେ ବୋଲି ସ୍ପଷ୍ଟ କରିଥିଲେ। ତେବେ ଗୋଟିଏ ଦିନରେ ବିଜୁ ଜନତା ଦଳର ଦୁଇଟି କାର୍ଯ୍ୟକ୍ରମ ହୋଇଥିବା ଦେଖିବାକୁ ମିଳିଥିଲା। ବିଧାୟକ ପ୍ରଣବ ବଳବନ୍ତରାୟ ଜାରକାଠାରେ ପ୍ରଶିକ୍ଷଣ ଶିବିର ଆୟୋଜନ କରିଥିବା ବେଳେ ଶ୍ରୀକାନ୍ତଙ୍କ ଶ୍ରମିକ ସମାବେଶ ରାଜନୈତିକ ସମୀକ୍ଷକଙ୍କ ମଧ୍ୟରେ ଉତ୍କଣ୍ଠା ବଢାଇ ଦେଇଛି। ସାଧାରଣ ନିର୍ବାଚନ ପାଖେଇ ଆସୁଥିବା ବେଳ ଶ୍ରୀକାନ୍ତଙ୍କ ସମର୍ଥକ ବେଶ୍ ଉତ୍ସାହିତ ଥିବା ଦେଖିବାକୁ ମିଳିଛି।

# ଧର୍ମଶାଳାରେ ବିଜେଡିର ପ୍ରଶିକ୍ଷଣ ଶିବିର

**ଧର୍ମଶାଳା, ୧୭।୧୧ (ବଟକୃଷ୍ଣ ପରିଡ଼ା)**

ଯାଜପୁର ଜିଲା ଧର୍ମଶାଳା ବ୍ଲକ୍ ଅଧୀନ ଜାରକା କଳ୍ପତରୁ ଦାସ ଷ୍ଟାଡିୟମ ପରିସରରେ ଧର୍ମଶାଳା ବିଜେଡିର ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି। ଧର୍ମଶାଳା ନିର୍ବାଚନମଣ୍ଡଳୀ ଅଧୀନ ୫୪ ପଞ୍ଚାୟତର କର୍ମୀମାନଙ୍କୁ ନେଇ ଏହି ଶିବିର ବୁଧବାରଠାରୁ ଆରମ୍ଭ କରାଯାଇଛି। ଏହା ୪ଦିନ ଧରି ଚାଲିବ। ଏଥିରେ ତୃଣମୂଳସ୍ତରରୁ ନେତା ଓ କର୍ମୀଙ୍କୁ ଗୁରୁମନ୍ତ୍ର ପ୍ରଦାନ ସହ ଆଗାମୀ ନିର୍ବାଚନ ପାଇଁ ରଣନୀତି ପ୍ରସ୍ତୁତ କରାଯିବ। ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରରେ ରାଜ୍ୟ ବିଜେଡି ମୁଖପାତ୍ର ଲେଲିନ୍ ମହାନ୍ତି, ପ୍ରିୟବ୍ରତ ମାଝି, ସୋଫିଆ ଆଲାମ ଓ ସୋସିଆଲ ମିଡିଆ ସଂଯୋଜକ ସ୍ୱୟଂପ୍ରକାଶ ମହାପାତ୍ର ପ୍ରମୁଖ ଯୋଗଦେଇ ଶିବିରର ଆଭିମୁଖ୍ୟ ସମ୍ପର୍କରେ କହିବା ସହ ନେତା ଓ କର୍ମୀଙ୍କୁ ଗୁରୁମନ୍ତ୍ର ପ୍ରଦାନ କରିଥିଲେ।ଶିବିରରେ ରାଜ୍ୟ ସରକାରଙ୍କ ଜନକଲ୍ୟାଣକାରୀ ଯୋଜନା, ସୋସିଆଲ ମିଡିଆର ବ୍ୟବହାର, କେନ୍ଦ୍ରୀୟ ଅବହେଳା ଓ ଧର୍ମଶାଳା ଅଞ୍ଚଳର ବିକାଶ ପ୍ରସଙ୍ଗରେ ଆଲୋଚନା କରାଯାଇଥିଲା। ସରକାରଙ୍କ ସଫଳତା ଓ ନବୀନଙ୍କ ବାର୍ତ୍ତା ସହ ୨୦୨୪ ନିର୍ବାଚନ ପାଇଁ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରାଯାଇଛି।

ବୁଧବାର ପ୍ରଥମ ଦିନରେ ନିର୍ବାଚନମଣ୍ଡଳୀର ୧୪ନମ୍ବର ଜୋନ୍ ଅଧୀନ ବିଭିନ୍ନ ପଞ୍ଚାୟତରୁ ଆସିଥିବା ୬୨୨ କର୍ମୀଙ୍କୁ ପ୍ରଶିକ୍ଷଣ ଦିଆଯାଇଥିବାବେଳେ ଗୁରୁବାର ୧୩ନମ୍ବର ଜୋନର ୧୦ ପଞ୍ଚାୟତରୁ ୬୪୪, ୧୨ନମ୍ବର ଜୋନର ୬ ପଞ୍ଚାୟତରୁ ୪୦୨, ୧୫ନଂ. ଜୋନର ଗୋଟିଏ ପଞ୍ଚାୟତରୁ ୮୮ଜଣଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ଶୁକ୍ରବାର ୧୧ନଂ. ଜୋନ୍‌ର ୯ ପଞ୍ଚାୟତ, ୧୨ନଂ. ଜୋନ୍‌ର ୩ ପଞ୍ଚାୟତ ଓ ୩୪ନଂ. ଜୋନ୍‌ର ୪ ପଞ୍ଚାୟତର ପଞ୍ଚାୟତ ସଭାପତି ଓ ବୁଥସ୍ତରର କର୍ମୀମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଛି। ଏହି ପ୍ରଶିକ୍ଷଣ ଶିବିର ଶନିବାର ଉଦ୍‌ଯାପନ୍ ହେବ ବୋଲି ଦଳ ପକ୍ଷରୁ ସୂଚନା ଦିଆଯାଇଛି।



ପ୍ରଶିକ୍ଷଣ ଶିବିରରେ ଯୋଗଦେଇଥିବା ଅତିଥିମାନେ।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ବାମନ



@ ଅରୁଣ



@ ଶିବୁନା



@ ବ୍ରଜସୁନ୍ଦର



@ ଆଦିତ୍ୟ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ବିପିନ ସ୍ୱାଇଁଙ୍କୁ ସଙ୍ଗୀତ ଜ୍ୟୋତି ସମ୍ମାନ

**ବଡ଼ଚଣା, ୧୭।୧୧ (ଦିଲୀପ କୁମାର ମହାନ୍ତି)**

ଯାଜପୁର ଜିଲାର ବିଶିଷ୍ଟ ସଂଗୀତ ନିର୍ଦ୍ଦେଶକ, ଗୀତିକାର ଓ ଚଣ୍ଡିଖୋଲ ଗାନ୍ଧୀ ଛକ ବୀଣାପାଣି କଳାପୀଠର ଅଧ୍ୟକ୍ଷ ବିପିନ ଚରଣ ସ୍ୱାଇଁଙ୍କୁ ସଂଗୀତ ଜ୍ୟୋତି ସମ୍ମାନ ପ୍ରଦାନ କରାଯାଇଛି। ଉତ୍କଳ ବୁଲେଟିନ ଚାରିଟେବୁଲ ଟ୍ରଷ୍ଟ ଭୁବନେଶ୍ୱର ପକ୍ଷରୁ ଗୌତମ ବୁଦ୍ଧ ପ୍ରେକ୍ଷାଳୟରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ସ୍ୱାଇଁଙ୍କୁ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ମାନପତ୍ର, ଉପଢ଼ୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଛନ୍ତି। ସ୍ୱାଇଁଙ୍କ ଦୀପାବଳିରେ ମୁକ୍ତିଲାଭ କରିଥିବା ସଙ୍ଗୀତ ଜୀବନ ଦୀପାଳି ପାଇଁ ଏହି ସମ୍ମାନ ପ୍ରଦାନ କରାଯାଇଛି। ପୂର୍ବରୁ ସ୍ୱାଇଁଙ୍କୁ ରାଜ୍ୟସ୍ତରୀୟ, ଜିଲାସ୍ତରୀୟ ସମେତ ବହୁ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ସମ୍ମାନ ପାଇବା ପରେ ତାଙ୍କୁ ଓଡ଼ିଶାର ବିଶିଷ୍ଟ ଗୀତିକାର, ସଙ୍ଗୀତ ନିର୍ଦ୍ଦେଶକ ଓ ଗାୟିକାଗାୟକ ଅଭିନନ୍ଦନ ଜଣାଇଛନ୍ତି।

# ଡିଏଭି ପବ୍ଲିକ୍ ସ୍କୁଲରେ ବାର୍ଷିକ ପ୍ରଦର୍ଶନୀ ଉତ୍ସବ



ଛାତ୍ରୀଛାତ୍ର ନିଜ ପ୍ରକଳ୍ପ ପ୍ରଦର୍ଶନ କରୁଛନ୍ତି।

**ଯାଜପୁର ଟାଉନ, ୧୭।୧୧ (ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି)**

ଯାଜପୁର ସହରସ୍ଥିତ ଡିଏଭି ସ୍କୁଲ ପରିସରରେ ବାର୍ଷିକ ପ୍ରଦର୍ଶନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍କୁଲ୍ ଶିକ୍ଷୟିତ୍ରୀଶିକ୍ଷକଙ୍କ ଦ୍ୱାରା ବିଭିନ୍ନ ମନୋରଞ୍ଜନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏନ୍‌ସି କଲେଜ ଅଧ୍ୟକ୍ଷ ଡ. ବିଷ୍ଣୁଚରଣ ଦାସ ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରଦର୍ଶନୀ ଉତ୍ସବର 'ୟୁଥେଷ୍ଟ'କୁ ଉଦ୍‌ଘାଟନ କରିଥିଲେ। ଉତ୍ସବରେ ଏଲ୍ କେଜିଠାରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ପିଲା ବିଭିନ୍ନ ବିଭାଗରେ ଭାଗ ନେଇଥିଲେ। ମୁଖ୍ୟ ଅତିଥି ଦାସ, ମ୍ୟାନେଜିଂ କମିଟିର ସଦସ୍ୟା ଶୁଭ୍ରାମଲ୍ଲିକା ମହାପାତ୍ର ଏବଂ ଡିଏଭି ପବ୍ଲିକ ସ୍କୁଲର ଅଧ୍ୟକ୍ଷ ଦେବବ୍ରତ ପ୍ରଧାନ ପ୍ରଦର୍ଶିତ ମଡେଲ୍ ଗୁଡିକୁ ପରିଦର୍ଶନ କରି ପିଲାଙ୍କୁ ଉତ୍ସାହିତ କରିଥିଲେ। ଡିଏଭି ପବ୍ଲିକ ସ୍କୁଲର ଚେୟାରମ୍ୟାନ ମଦନ ମୋହନ ପଣ୍ଡା ଓ ମ୍ୟାନେଜର ଦ୍ୱାରିକାନାଥ ମିଶ୍ର ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ।

# ମଣ୍ଡଳସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ

**କଳିଙ୍ଗନଗର, ୧୭।୧୧ (ଶୁଭାଶିଷ ରାଉତ)**

ଦାନଗଦି ବ୍ଲକ ବାରଖାଇ ପଲ୍ଲିଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ମଣ୍ଡଳସ୍ତରୀୟ ବିଜ୍ଞାନ, ଗଣିତ ଓ ପରିବେଶ ପ୍ରକଳ୍ପ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଗ୍ରାମ୍ୟ ଉନ୍ନୟନ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ଇଂ. ପ୍ରୀତିରଞ୍ଜନ ଘଡ଼ାଇ, ମୁଖ୍ୟବକ୍ତା ମଣ୍ଡଳ ଶିକ୍ଷା ଅଧିକାରୀ ଶୁଭ୍ରାଂଶୁ ପୁହାଣ, ଉପମଣ୍ଡଳ ଶିକ୍ଷା ଅଧିକାରୀ ବଳରାମ ପତି ଓ ସମ୍ମାନିତ ଅତିଥି ଭାବେ ଦାନଗଦି ବିଜ୍ଞାନ ଶିକ୍ଷକ ସଂଘର ସଭାପତି ରାଜୀବଲୋଚନ ରାଉତ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବିଭୁଦତ୍ତ ଜେନା, ନୋଡାଲ ପ୍ରଧାନଶିକ୍ଷକ ପ୍ରଫୁଲ୍ଲ ଚନ୍ଦ୍ର ବେହେରା ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ମନୋରଞ୍ଜନ ସାହୁ ସଭାରେ ସଭାପତିତ୍ୱ କରିଥିଲେ। ଏହି ପ୍ରଦର୍ଶନୀରେ ବିଭିନ୍ନ ବିଦ୍ୟାଳୟରୁ ୫୫ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ସେଥିରୁ ୫ ପ୍ରକଳ୍ପକୁ ଜିଲାସ୍ତରୀୟ ପ୍ରଦର୍ଶନୀରେ ସାମିଲ ହେବାକୁ ଅନୁମୋଦନ କରାଯାଇଥିଲା। ବିଚାରକ ଭାବେ ସଞ୍ଜୟ ଦେଓ ଏବଂ ରମେଶ ଚନ୍ଦ୍ର ଓଝା ଯୋଗ ଦେଇଥିଲେ। ସହକାରୀ ଶିକ୍ଷକ କୃପାସିନ୍ଧୁ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

# ଚାଷୀଙ୍କୁ ଜ୍ଞାନକୌଶଳ ପ୍ରଦାନରେ ମେଳା ଫଳପ୍ରଦ ହେବ

**ଯାଜପୁର ଟାଉନ, ୧୭।୧୧ (ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି)**




ଜିଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଉଦ୍‌ଘାଟନୀ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

## ଜିଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଉଦ୍‌ଘାଟିତ

ଯାଜପୁର ସହରର କୁସୁମା ସମ୍ମୁଖ ପଡ଼ିଆଠାରେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗ ଆନୁକୂଲ୍ୟରେ ୨ ଦିନିଆ ଜିଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ବାଚସ୍ପତି ପ୍ରମିଳା ମଲ୍ଲିକ ଉଦ୍‌ଘାଟନ କରି ଏହି ମେଳା ମତ୍ସ୍ୟ ଚାଷ ଓ ପ୍ରାଣୀ ସମ୍ପଦରେ ରୁଚି ରଖିଥିବା ଜନସାଧାରଣଙ୍କ ପାଇଁ ଏକ ସୁବର୍ଣ୍ଣ ସୁଯୋଗ ଆଣିଦେଇଛି। ପ୍ରାଣୀସମ୍ପଦ ସମ୍ବନ୍ଧୀୟ ସମସ୍ତ ଯୋଜନାର ବ୍ୟାପକ ସଚେତନତା ଏବଂ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ଚାଷୀଙ୍କୁ ଏହାର ଅଭିବୃଦ୍ଧି ନିମନ୍ତେ ଜ୍ଞାନକୌଶଳ ଏବଂ ଶିକ୍ଷା ପ୍ରଦାନ କରିବାରେ ମେଳା ବହୁଳ ମାତ୍ରାରେ ଫଳପ୍ରଦ ହେବ ବୋଲି କହିଥିଲେ। ଏଥିସହିତ ତୃଣମୂଳସ୍ତରରେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ଯୋଜନାକୁ ବ୍ୟାପକ ପ୍ରଚାର, ପ୍ରସାର କରାଯାଇପାରିଲେ ମତ୍ସ୍ୟ ଭଳି ସମ୍ପଦକୁ ବାହାର ରାଜ୍ୟକୁ ରପ୍ତାନୀ କରିବା ସହ ବିଞ୍ଝାରପୁର ଗୋ ସମ୍ପଦର ଜାତୀୟ ମାନ୍ୟତା ଅଧିକ ଚାହିଦା ବୃଦ୍ଧି କରିବ ବୋଲି ସେ ପ୍ରକାଶ କରିଥିଲେ।

ସମ୍ମାନିତ ଅତିଥି ଭାବେ ବରୀ ବିଧାୟିକା ସୁନନ୍ଦା ଦାସ ଯୋଗଦେଇ ଗୋରୁ, ଛେଳି, ମେଣ୍ଢା, ବତକ ଓ କୁକୁଡା ଆଦି ଚାଷକୁ ତୃଣମୂଳସ୍ତରରେ ପହଞ୍ଚାଇ ଯୁବତୀଯୁବକଙ୍କୁ ସ୍ୱାବଲମ୍ବୀ କରାଇ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବାକୁ କହିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ଉପ-ସଭାପତି ଗଣେଶ୍ୱର ବରାଳ ଯୋଗଦେଇ ଚାଷୀ ଏହି ମେଳାରେ ୧୪୦୦ ଚାଷୀ ଜ୍ଞାନ କୌଶଳ ସମ୍ବନ୍ଧରେ ଅବଗତ ହୋଇପାରିବେ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ବିଧାୟକ ଅଶୋକ କୁମାର ବଳ ଯୋଗଦେଇ କାର୍ଯ୍ୟକ୍ରମର ପ୍ରଶଂସା କରିଥିଲେ। ଜିଲା ମୁଖ୍ୟ ପ୍ରାଣୀଧନ ଚିକିତ୍ସାଧିକାରୀ ଡା. ଶ୍ରୀନିବାସ କର ମେଳାର ଉଦ୍ଦେଶ୍ୟ, ଆଭିମୁଖ୍ୟ ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ। ମତ୍ସ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ଯୁଗ୍ମ ସଚିବ ଭବାନୀ ଶଙ୍କର ମିଶ୍ର, ଜିଲା ମତ୍ସ୍ୟ ଅଧିକାରୀ ପ୍ରମୋଦ କୁମାର ରାଉତ ମଞ୍ଚାସୀନ ଥିଲେ। ଉଦ୍‌ଘାଟନୀ ଉତ୍ସବରେ ସଫଳ ମତ୍ସ୍ୟଚାଷୀ ବିଜୟଲକ୍ଷ୍ମୀ ପଣ୍ଡା, ସଫଳ ମତ୍ସ୍ୟ ଚାଷ ସ୍ୱୟଂ ସହାୟିକା ଗୋଷ୍ଠୀ ମା' ମଙ୍ଗଳା, ସଫଳ କୁକୁଡା ଚାଷୀ ତିଲୋତମା କର ଏବଂ ସଫଳ ଗୋ ପାଳନ ଚାଷ ପାଇଁ ବାବା ମଲ୍ଲିକେଶ୍ୱର ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ନଗଦ ୫୦୦୦ ଟଙ୍କା ସହ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇ ପୁରସ୍କୃତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଯାଜପୁର ପୌର ପରିଷଦ ଉପାଧ୍ୟକ୍ଷ ସନ୍ତୋଷ ମଲ୍ଲିକ, ସମସ୍ତ ବ୍ଲକର ଭିଏସ, ବୁଦ୍ଧିଜିବୀ, ଚାଷୀ ଏବଂ ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ।

**୧୯ରେ ଦୂରଦର୍ଶନରେ ଗଜଲକ୍ଷ୍ମୀ ପୂଜା ପ୍ରସାରଣ**

କେନ୍ଦ୍ରାପଡ଼ା, (ଜଗନ୍ନାଥ ଧଳ): କେନ୍ଦ୍ରାପଡ଼ା ଜିଲାର ଗଣପର୍ବ ଆସନ୍ତା ୧୯ ତାରିଖ ସନ୍ଧ୍ୟା ୫.୩୦ ମିନିଟ୍‌ରେ ଦୂରଦର୍ଶନରେ ପ୍ରସାରଣ ହେବ। ଏ ସମ୍ପର୍କରେ ଦୂରଦର୍ଶନ ନିର୍ଦ୍ଦେଶିକା ରିଜ୍‌ୱାନା ଅଖ୍‌ତର ଏକ ପ୍ରେସ୍ ରିଲିଜ୍ ମାଧମରେ ଶୁକ୍ରବାର ସୂଚନା ଦେଇଛନ୍ତି। ତାଙ୍କ ସୂଚନା ଅନୁଯାୟୀ, ଗତ ଗଜଲକ୍ଷ୍ମୀ ପୂଜାର ଆସ୍ଥାନ ପ୍ରତିଷ୍ଠାଠାରୁ ଭସାଣି ଉତ୍ସବକୁ ଏକକ ଭାବେ ପ୍ରସାରଣ କରାଯିବ। ଏହି ସନ୍ଧ୍ୟାରେ ଜିଲାବାସୀ ମା' ଗଜଲକ୍ଷ୍ମୀଙ୍କ ସମ୍ପର୍କରେ ବିଶେଷ ତଥ୍ୟ ପାଇ ପାରିବେ ବୋଲି ପ୍ରେସ୍ ରିଲିଜ୍ ମାଧମରେ ସୂଚନା ଦିଆଯାଇଛି।

# ଲୁଟ୍ ପାଇଁ ଘରେ ପଶି ୩ ଜଣଙ୍କୁ ଆକ୍ରମଣ

ଆଳି, ୧୭।୧୧ (ବନମାଳୀ ସେନାପତି)

ଆଳି ଥାନା ଅନ୍ତର୍ଗତ କଟକ-ଚାନ୍ଦବାଲି ରାସ୍ତାର ସିଙ୍ଗିରି ରାଉତା ଗ୍ରାମର ମଥୁରୀ ଲେଙ୍କାଙ୍କ ଘରେ ଗୁରୁବାର ବିଳମ୍ବିତ ରାତିରେ ୪ ଜଣ ସଶସ୍ତ୍ର ଡକାୟତ ପଶି ଘରୁ ଲୁଟ୍‌ପାଟ କରିବା ସହିତ ପରିବାରର ୩ ଜଣ ସଦସ୍ୟଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରି ଗୁରୁତର କରିଛନ୍ତି। ଏ ନେଇ ରାଉତା ଗ୍ରାମର ବନିତା ଲେଙ୍କା ଥାନାରେ ଲିଖିତ ଅଭିଯୋଗ ଦେଇଛନ୍ତି। ବନିତାଙ୍କ ଅଭିଯୋଗ ଅନୁଯାୟୀ, ଗୁରୁବାର ତାଙ୍କ ପରିବାର ଲୋକ ତାରିଣୀଙ୍କ ପାଖକୁ ଯାଇ ସନ୍ଧ୍ୟାରେ ଫେରିଥିଲେ। ପରିବାର ଲୋକ ଘରେ ପହଞ୍ଚିବା ପରେ ସମସ୍ତେ ଖାଇପିଇ ଶୋଇପଡ଼ିଥିଲେ। ରାତି ପ୍ରାୟ ଗୋଟାଏରେ ୪ ଜଣ ଡକାୟତ ଘର ତାଲା ତାଡ଼ି ପଶିବାକୁ ଉଦ୍ୟମ କରୁଥିବା ବେଳେ ପରିବାର ଲୋକଙ୍କ ନିଦ ଭାଙ୍ଗିଯାଇଥିଲା। ବନିତାଙ୍କ ଶାଶୁ ଘର କବାଟ ଖୋଲି ଡକାୟତମାନଙ୍କୁ ଦେଖି ଚିତ୍କାର କରିଥିଲେ। ଚିତ୍କାର ଶୁଣି ବିଷ୍ଣୁ ଉଠି ବାହାରକୁ ଆସିବା ପରେ ତାଙ୍କୁ ନିସ୍ତୁକ ମାଡ଼ମାରି ପକାଇଦେବା ପରେ ତାଙ୍କ ମା', ବନିତା ବାହାରକୁ ଆସିବାରୁ ତାଙ୍କ ମୁଣ୍ଡକୁ ଭୁଜାଲିରେ ହାଣି ଥିଲେ। ବନିତାଙ୍କ ଚିତ୍କାର ଶୁଣି ତାଙ୍କ ସ୍ୱାମୀ ଶତ୍ରୁଘ୍ନ ବାହାରକୁ ଆସିବା ପରେ ତାଙ୍କ ମୁଣ୍ଡକୁ ଭୁଜାଲି ଓ ଲୁହାରଡ଼ରେ ଆକ୍ରମଣ କରିଥିଲେ। ପରିବାର ଲୋକଙ୍କ ପାଟି ଶୁଣି ମଥୁରୀ ଲେଙ୍କା ଉପର ଘରୁ ତଳକୁ ଆସିବା ପରେ ଘରୁ ଡକାୟତମାନେ ସେତେବେଳକୁ ବନିତାଙ୍କ ନିକଟରୁ



ଡକାୟତଙ୍କ ଆକ୍ରମଣରେ ଆହତ ବ୍ୟକ୍ତିମାନେ।

### ସିଙ୍ଗିରିରେ ଡକାୟତଙ୍କ ଆତଙ୍କ

ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଓ ନଗଦ ୫୦ ହଜାର ଟଙ୍କା ନେଇ ଫେରାର ହୋଇଯାଇଥିଲେ। ଡକାୟତଙ୍କୁ ମଥୁରୀ ଗୋଡ଼ାଇଥିଲେ ମଧ ତାଙ୍କ ହାତକୁ ଲକ୍ଷ୍ୟକରି ଲୁଟେରାମାନେ ଭୁଜାଲିରେ ଚୋଟ ମାରିଥିଲେ। ଏହି ଖବର ଜଣାପଡ଼ିବା ପରେ ଗ୍ରାମବାସୀ ଆହତମାନଙ୍କୁ ପ୍ରଥମେ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣି ପ୍ରାଥମିକ ଚିକିତ୍ସା ପରେ ଶତ୍ରୁଘ୍ନଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କଟକ ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଛି। ଏହି ଖବର ପାଇବା ପରେ ଆଳି ଥାନା ଆଇଆଇସି ସବ୍ୟସାଚୀ ଶତପଥୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ପଟ୍ଟାମୁଣ୍ଡାଇ ଏସ୍‌ଡିପିଓ କ୍ଷମାସାଗର ପଣ୍ଡା ମଧ ଘଟଣାର ତଦନ୍ତ ଦିଗରେ ନଜର ରଖିଥିବା ସୂଚନା ମିଳିଛି। ପୋଲିସ ନଂ. ୮୭୦/୨୩ରେ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିବା ସହ ଏହି ଘଟଣାରେ ଜଣେ ଯୁବକଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଜାରି ରଖିଛି। ସୂଚନାଯୋଗ୍ୟ, ଗତ ଏକ ମାସ ମଧ୍ୟରେ ସିଙ୍ଗିରି ବଜାର ଉପରୁ ଜଣେ ମହିଳାଙ୍କ ନିକଟରୁ ୬୫ ହଜାର ଟଙ୍କା ଲୁଟ ହୋଇଥିବା ବେଳେ ଜଣେ ମେଡିସିନ ସେଲ୍ସମ୍ୟାନ୍‌ଙ୍କ ନିକଟରୁ ୨ଲକ୍ଷ ୧୭ ହଜାର ଲୁଟ୍ ହୋଇଥିଲା। କିନ୍ତୁ ପୋଲିସ ହାତ ଖାଲିପଡ଼ିଛି। ଏହି ଘଟଣା ପରେ ପୋଲିସ ପାଟ୍ରୋଲିଂ ଅଭାବରୁ ଏଭଳି କାର୍ଯ୍ୟ ଘଟୁଥିବା ନେଇ ସାଧାରଣରେ ମତ ପ୍ରକାଶ ପାଇଛି।

# ୮ ଦିନ ହେଲାଣି ମୃତଦେହ ଫେରିନାହିଁ

### ବସ୍ ପୋଡ଼ିରେ ମହିଳା ମୃତ ଘଟଣା



ମାର୍ଶାଘାଇ, ୧୭।୧୧ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

କୋଲ୍‌କାତାରୁ ପାରାଦୀପ ଆସୁଥିବା ଏକ ଘରୋଇ ଯାତ୍ରୀବାହୀ ବସ୍‌ରେ ଗତ ୧୦ ତାରିଖ ରାତିରେ ନିଆଁ ଲାଗି କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇ ଥାନା ଅଞ୍ଚଳର ଜନୈକା ବିବାହିତା ମହିଳାଙ୍କ ମୃତ୍ୟୁ ଘଟିଥିଲା। ମାର୍ଶାଘାଇ ଥାନା ଅଙ୍ଗୁଳାଇ ପଞ୍ଚାୟତ ନୀଳାଦ୍ରିପୁର ଗ୍ରାମର ରାଜେନ୍ଦ୍ର ଦାସଙ୍କ ପତ୍ନୀ ପୁଷ୍ପାଞ୍ଜଳି (୩୫) ଦୀପାବଳି ଉପଲକ୍ଷେ ନିଜ ଗ୍ରାମକୁ ଆସୁଥିବା ବେଳେ ଖଡ଼ଗପୁର ନିକଟରେ ବସ୍‌ରେ ନିଆଁ ଲାଗିଯିବା ପରେ ସେ ଜୀବନ୍ତ ଦଗ୍ଧ ହୋଇଯାଇଥିଲେ। ଖଡ଼ଗପୁର ଡାକ୍ତରଖାନାରେ ତାଙ୍କ ମୃତଦେହ ସଂରକ୍ଷିତ ହୋଇ ରହିଥିବା ବେଳେ ଚିହ୍ନଟ ପାଇଁ ଡିଏନ୍ଏ ଟେଷ୍ଟର ଆବଶ୍ୟକତା ଥିବାରୁ ସେଠାକାର ପ୍ରଶାସନିକ ଉଦାସୀନତା କାରଣରୁ ଏହା ବିଳମ୍ବ ହେଉଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଫଳରେ ଆଜକୁ ୮ ଦିନ ହେବ ମୃତଦେହ ଗାଁକୁ ଆସି ପାରିଲାନାହିଁ। ପରିବାର ଲୋକେ ହିନ୍ଦୁଧର୍ମ ରୀତିନୀତି ଅନୁଯାୟୀ ତାଙ୍କର କ୍ରିୟାକର୍ମ କରୁଛନ୍ତି। ଆହୁରି ମଧ କେନ୍ଦ୍ରାପଡ଼ା ଜିଲା ପ୍ରଶାସନକୁ ପରିବାର ଲୋକ ଏ ସମ୍ପର୍କରେ ଜଣାଇଥିଲେ ମଧ ପ୍ରଶାସନ ଖାଲି ଆଶ୍ୱାସନା ଦେଉଥିବା ସମ୍ପର୍କୀୟ ପ୍ରକାଶ କରିଛନ୍ତି। ଉଭୟ ଜିଲା ପ୍ରଶାସନ ମଧ୍ୟରେ ସମନ୍ୱୟ ରହିଥିଲେ ହୁଏତ ମୃତଦେହ ଗାଁକୁ ଆସି ସଂସ୍କାର ହୋଇପାରିଥାନ୍ତା ବୋଲି ଗାଁ ଲୋକେ କହିଛନ୍ତି। ସର୍ବଶେଷ ଖବର ଅନୁଯାୟୀ, ଶୁକ୍ରବାର ମୃତା ମହିଳାଙ୍କ ଭାଇ ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ରାଜଗଡ଼ ପଞ୍ଚାୟତର ନଛିପଡ଼ା ଗ୍ରାମର ବିକାଶ କୁମାର ଦାସଙ୍କ ରକ୍ତ ନମୁନା କୋଲ୍‌କାତାସ୍ଥିତ ଫରେନ୍‌ସିକ ସାଇନ୍ସ ଲାବରେଟୋରି ପକ୍ଷରୁ ସଂଗ୍ରହ କରାଯାଇଛି। ଶନିବାର ଓ ରବିବାର ଛୁଟି ଥିବାରୁ ସୋମବାର ଯଦି ରିପୋର୍ଟ ଆସେ ତେବେ ମହିଳାଙ୍କ ଏକାଦଶାହ କାର୍ଯ୍ୟ ସରିଯାଇଥିବ। ତେଣୁ ତାଙ୍କ ମୃତଦେହ ଗ୍ରାମକୁ ଆସିବା ସମ୍ଭାବନା କ୍ଷୀଣ ବୋଲି ନିକଟ ପଡ଼ୋଶୀଙ୍କ ସୂତ୍ରରୁ ଜଣାପଡ଼ିଛି।

# ଚାଷ ଜମି ଅଧିଗ୍ରହଣ ପାଇଁ ଚାଷୀଙ୍କୁ ନୋଟିସ୍



ତହସିଲଦାରଙ୍କୁ ଜମିହରା ଚାଷୀମାନେ ଅଭିଯୋଗ କରିବାକୁ ଯାଉଛନ୍ତି।

ମହାକାଳପଡ଼ା, ୧୭।୧୧ (ପ୍ରତାପ ଚନ୍ଦ୍ର ସ୍ୱାଇଁ)

- ସାଗରମାଳା ପ୍ରକଳ୍ପ: ଉପକୂଳ ଜାତୀୟ ରାଜପଥ
- ପୂର୍ବରୁ ଜାତୀୟ ପ୍ରକଳ୍ପ ପାଇଁ ଶାଗ ମାଛ ଦରରେ ବିକ୍ରି ଅଭିଯୋଗ
- ଜମି ହରା ଚାଷୀ ତହସିଲଦାରଙ୍କ ଦ୍ୱାରସ୍ଥ

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ତହସିଲ ଅଧୀନରେ ଥିବା ସ୍ଥାନୀୟ ମଶାକଣି ଗ୍ରାମର ବହୁ ଚାଷୀ ଶୁକ୍ରବାର ତହସିଲଦାରଙ୍କୁ ଭେଟି ଉପଯୁକ୍ତ ଜମି ମୂଲ୍ୟ ପ୍ରଦାନ କରିବାକୁ ଲିଖିତ ଅଭିଯୋଗ କରିଛନ୍ତି। କାରଣ ସେମାନଙ୍କ ଚାଷ ଜମିକୁ ଅଧୀଗ୍ରହଣ ପାଇଁ ପ୍ରଶାସନ ପକ୍ଷରୁ ନୋଟିସ୍ କରାଯାଇଛି। ଏହି ଅଞ୍ଚଳ ଦେଇ ସାଗରମାଳା ପ୍ରକଳ୍ପ ଅଧୀନ ଉପକୂଳ ଜାତୀୟ ରାଜପଥ ପାଇଁ ଜମି ଅଧିଗ୍ରହଣ ନିମନ୍ତେ ଉକ୍ତ ଗ୍ରାମର ଚାଷୀଙ୍କୁ ନ୍ୟାୟ ଦେବା ଓ ଉଚିତ ପ୍ରାପ୍ୟ ପ୍ରଦାନ ଦାବି ଲାଗି ଚାଷୀ ଦାବି କରିଛନ୍ତି। ସୂଚନାଥାଉକି ଏହି ଅଞ୍ଚଳ ଦେଇ ପୂର୍ବରୁ ବହୁ ଜାତୀୟ ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ କରି ଶାଗ ମାଛ ଦରରେ ଚାଷୀଙ୍କୁ ପ୍ରାପ୍ୟ ପ୍ରଦାନ କରାଯାଇଥିଲା। ଯାହାକୁ ନେଇ ଉକ୍ତ ପ୍ରକଳ୍ପଗୁଡ଼ିକ ପାଇଁ ଜମି ହରା ଚାଷୀମାନେ ବିଭିନ୍ନ ସମୟରେ ଆନ୍ଦୋଳନ କରି ନିରାଶ ହୋଇଥିବା ଶଶୀକାନ୍ତ ନାୟକ, ଧୀରେନ୍ଦ୍ର ସାମଲ, ବିଭୂତି ସାମନ୍ତରାୟ, ନୃସିଂହ ଚରଣ ଖଟୁଆ, ସାବିତ୍ରୀ ଖଟୁଆ ପ୍ରମୁଖ ଚାଷୀମାନେ ଅଭିଯୋଗ କରିଛନ୍ତି। ପୂର୍ବରୁ ଜାତୀୟ ପ୍ରକଳ୍ପ ପାଇଁ ଚାଷୀମାନେ ଜମି ହରାଇଛନ୍ତି। ଆମ୍ଭମାନଙ୍କ ଭବିଷ୍ୟତ ପିଢ଼ି ପାଇଁ ଏଭଳି ଜାତୀୟ ପ୍ରକଳ୍ପ ପାଇଁ ଜମି ଗଲେ ପରିବାର କିପରି ପ୍ରତିପୋଷଣ କରାଯିବ ବୋଲି ଚାଷୀମାନେ ପ୍ରଶ୍ନ କରିଛନ୍ତି। ତେବେ ଏହି ଜମି ହରା ଚାଷୀଙ୍କୁ ଉଚିତ ଜମି ମୂଲ୍ୟ ପ୍ରଦାନ କରିବା ପାଇଁ ଅଞ୍ଚଳର ବୁଦ୍ଧିଜୀବୀ ଦାବି କରିଛନ୍ତି। ଅପରପକ୍ଷରେ ଏହି ଅଞ୍ଚଳରେ ପୂର୍ବରୁ ୫୩ ନମ୍ବର ଜାତୀୟ ରାଜପଥ, ରେଳ ପ୍ରକଳ୍ପ, ତୈଳ ବିଶୋଧନ ପାଇପ ଲାଇନ ପ୍ରକଳ୍ପ ଓ ଏବେ ଉପକୂଳ ଜାତୀୟ ରାଜପଥ ପାଇଁ ଜମି ଅଧିଗ୍ରହଣ ପାଇଁ ପ୍ରଶାସନ ପକ୍ଷରୁ ସ୍ଥାନୀୟ ଲୋକମାନଙ୍କୁ ନୋଟିସ କରଯାଇଛି। ଏ ସଂକ୍ରାନ୍ତରେ ମହାକାଳପଡ଼ା ତହସିଲଦାର ମାନସ ରଞ୍ଜନ ତ୍ରିପାଠୀଙ୍କୁ ପଚାରିବାରେ ଏହି ପ୍ରକଳ୍ପ ପାଇଁ ସ୍ଥାନୀୟ ଚାଷୀଙ୍କୁ ନୋଟିସ କରଯାଇଛି। ଯେଉଁମାନଙ୍କ ଯାହାର ଯାହା କିଛି ଅଭିଯୋଗ ଅଛି ଲିଖିତ ଭାବେ ଜଣାଇଲେ, ଅଭିଯୋଗ କରିଥିବା ଚାଷୀମାନଙ୍କ ଲିଖିତ ଅଭିଯୋଗ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯିବ ବୋଲି ତହସିଲଦାର ତ୍ରିପାଠୀ କହିଛନ୍ତି।

ସେଲ୍ଫି କର୍ଣ୍ଣର ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ବାମନ



@ ଅରୁଣ



@ ଶିବୁନା



@ ବ୍ରଜସୁନ୍ଦର



@ ଆଦିତ୍ୟ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ମତ୍ସ୍ୟ, ପ୍ରାଣୀ ସମ୍ପଦ ଜିଲା ଅର୍ଥନୀତିକୁ ସୁଦୃଢ଼ କରିବ



ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳାରେ ଯୋଗ ଦେଇଥିବା ଅତିଥିମାନେ।

କେନ୍ଦ୍ରାପଡ଼ା, ୧୭।୧୧ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲାର ଅର୍ଥନୀତି କୃଷିଭିତ୍ତିକ। ଏହି ଜିଲାର ମେଣ୍ଢାର ଜିନ୍ ସ୍ୱତନ୍ତ୍ର ବୋଲି ଚିହ୍ନଟ ହୋଇଛି। ଗୋମହିଷାଦି ପାଳନ ପାଇଁ ଉପଯୁକ୍ତ ଭିତ୍ତିଭୂମି ଅଛି। ଘରୋଇ ପଶୁ ପକ୍ଷୀ ପାଳନ ସହିତ ମତ୍ସ୍ୟଚାଷ ପାଇଁ ରାଜ୍ୟ ସରକାର ସର୍ବଦା ପ୍ରୋତ୍ସାହିତ କରିଛନ୍ତି। ଏଥିପାଇଁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ ହେଲେ ଜିଲାର ଅର୍ଥନୀତି ସୁଦୃଢ଼ ହେବ ବୋଲି ଶୁକ୍ରବାର ଜିଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳାରେ ଅତିଥିମାନେ ମତ ଦେଇଛନ୍ତି। କେନ୍ଦ୍ରାପଡ଼ା କଲେଜ ଖେଳପଡ଼ିଆରେ ଜିଲା ପ୍ରଶାସନ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ପକ୍ଷରୁ ୨ଦିନ ଧରି ଏହି ମେଳା ଆୟୋଜିତ ହୋଇଥିଲା। ସିଡିଭିଓ ଦୀପ୍ତି ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ ଶକ୍ତିମନ୍ତ୍ରୀ ପ୍ରତାପ କୁମାର ଦେବ, ରାଜନଗର ବିଧାୟକ ଧ୍ରୁବ ଚରଣ ସାହୁ, ଜିଲା ପରିଷଦ ଅଧ୍ୟକ୍ଷା ଗୀତାରାଣୀ ସେଠୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ ରାଜ୍ୟ ସରକାରଙ୍କ ଚାଷୀଙ୍କ ପାଇଁ ରହିଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ସଭାକୁ ଏସ୍‌ଡିଭିଓ ଡା. ମନୋଜ କୁମାର ପଟ୍ଟନାୟକ ପରିଚାଳନା କରିଥିଲେ।

# ବୁଡ଼ିଯାଉଥିବା ସାଙ୍ଗଙ୍କୁ ଉଦ୍ଧାର କରିବାକୁ ଯାଇ ନିଜେ ବୁଡ଼ିଗଲେ

ଡେରାବିଶ, ୧୭।୧୧ (ବେବର୍ତ୍ତା ଅଜୟ ଦାସ)

କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ ଡେରାବିଶ ବ୍ଲକ କୁଶିଆପାଳ ପଞ୍ଚାୟତ ୨ନଂ. ୱାର୍ଡ଼ ବାବୁରାମପାଟଣା ଗାଁର ଦୁଇଜଣ ନାବାଳିକା ସାଙ୍ଗହୋଇ ଶୁକ୍ରବାର ଗାଁ ଦେଇ ଯାଇଥିବା ଗୋବରୀ ନଦୀକୁ ଗାଧୋଇବାକୁ ଯାଇଥିବା ବେଳେ ଗୋଡ଼ ଖସିଯିବାରୁ ଜଣେ ନାବାଳିକା ବୁଡ଼ିଯାଇଥିଲେ। ସାଙ୍ଗଙ୍କୁ ଉଦ୍ଧାର କରିବାକୁ ଯାଇ ଅନ୍ୟ ଜଣେ ନାବାଳିକା ମଧ ବୁଡ଼ିଯାଇଛନ୍ତି। ସେଠାରେ ଗାଧୋଉଥିବା ଗାଁର ଜଣେ ବ୍ୟକ୍ତି ଜଣଙ୍କୁ ଉଦ୍ଧାର କରିଛନ୍ତି। ଦୁଇ ନାବାଳିକା ସାଙ୍ଗ ହେଲେ ବାବୁରାମପାଟଣା ଗାଁର ସନ୍ତୋଷ ସାହୁଙ୍କ ଝିଅ ଶୁଭଲକ୍ଷ୍ମୀ (୯) ଓ ଅନ୍ୟ ଜଣେ ସେହି ଗାଁର ବାବାଜୀ ସାହୁଙ୍କ ଝିଅ ପାପାଲି (୧୧)। ସୂଚନା ଅନୁଯାୟୀ, ମଧ୍ୟାହ୍ନରେ ଶୁଭଲକ୍ଷ୍ମୀ ଓ ପାପାଲି ନଦୀକୁ ଗାଧୋଇବାକୁ ଯାଇଥିଲେ। ଗାଧୋଉଥିବା ସମୟରେ ପାପାଲିଙ୍କ ଗୋଡ଼ ଖସିଯିବାରୁ ସେ ଭାସିଯାଇ ଗଭୀର ପାଣିରେ ବୁଡ଼ିଯାଇଥିଲେ। ତେବେ ପାଖରେ ଥିବା ଶୁଭଲକ୍ଷ୍ମୀ ପାପାଲିଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କରୁଥିବା ବେଳେ ନିଜେ ବୁଡ଼ିଯାଇଥିଲେ। ତେବେ



ପାପାଲି ସାହୁ

### ଜଣେ ନିଖୋଜ, ଜଣେ ଉଦ୍ଧାର

ଶୁଭଲକ୍ଷ୍ମୀ ବୁଡ଼ିଯାଉଥିବା ବେଳେ ନଦୀରେ ଗାଧୋଉଥିବା ଗାଁର କାଳନ୍ଦୀ ମଲିକ ନାମକ ଜଣେ ବ୍ୟକ୍ତି ନଦୀରେ ପଶି ଶୁଭଲକ୍ଷ୍ମୀଙ୍କୁ ଉଦ୍ଧାର କରିଥିଲେ। ଗ୍ରାମବାସୀଙ୍କଠାରୁ ଖବରପାଇ ଡେରାବିଶ ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଖୋଜ ପାପାଲିଙ୍କୁ ବହୁ ଖୋଜାଖୋଜି କରିଥିଲେ ମଧ ସନ୍ଧ୍ୟାସୁଦ୍ଧା ତାଙ୍କର କୌଣସି ପତ୍ତା ମିଳିନାହିଁ। ଖବର ଲେଖାହେବାବେଳକୁ ଅଗ୍ନିଶମ କର୍ମଚାରୀ ପାପାଲିଙ୍କୁ ଉଦ୍ଧାର ପାଇଁ ଚେଷ୍ଟା ଜାରି ରଖିଛନ୍ତି। ତେବେ ଏଭଳି ଦୁଃଖଦ ଘଟଣା ଲାଗି ଗ୍ରାମରେ ଆଲୋଡ଼ନ ସୃଷ୍ଟି ହୋଇଛି। ଉଦ୍ଧାର ହୋଇଥିବା ଶୁଭଲକ୍ଷ୍ମୀ ସମ୍ପୂର୍ଣ୍ଣ ସୁସ୍ଥ ଥିବା ପରିବାର ଲୋକଙ୍କଠାରୁ ସୂଚନା ମିଳିଛି।

# ଅଜଣା ବ୍ୟକ୍ତିଙ୍କୁ ଚିକିତ୍ସା ଯୋଗାଇଲେ ଡିଏସ୍‌ଏସ୍‌ଓ

କେନ୍ଦ୍ରାପଡ଼ା, ୧୭।୧୧ (ଜଗନ୍ନାଥ ଧଳ)



କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇ ବ୍ଲକ କରିଲୋପାଟଣା ବଜାରରେ ଜଣେ ଅଜଣା ବ୍ୟକ୍ତି ଉଦ୍ଧାର ହୋଇଛନ୍ତି। ମସ୍ତିଷ୍କ ବିକୃତ ଥିବା ଏହି ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡି ଥିବାରୁ ଡିଏସ୍‌ଏସ୍‌ଓ ପ୍ରଭାସ ଦାସଙ୍କ ନିର୍ଦ୍ଦେଶରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇ ଚିକିତ୍ସା କରାଯାଇଛି। ଡିଏସ୍‌ଏସ୍‌ଓ ଦାସ କହିଛନ୍ତି, ସମ୍ପୃକ୍ତ ବ୍ୟକ୍ତି ୧୫ ଦିନ ହେବ ବଜାରରେ ଗୋଟିଏ ସ୍ଥାନରେ ବସି ରହିଥିବା ସୂଚନା ମିଳିଥିଲା। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବା ସୂଚନା ପାଇ ବିଏସ୍‌ଏସ୍‌ଓ ସୁକାନ୍ତ ମଲ୍ଲିକଙ୍କୁ ତଦନ୍ତ ନିର୍ଦ୍ଦେଶ ଦିଆଯାଇଥିଲା। ବିଏସ୍‌ଏସ୍‌ଓ ମଲ୍ଲିକ ସମ୍ପୃକ୍ତ ଅଜଣା ବ୍ୟକ୍ତିଙ୍କୁ ଆଣି ଚିକିତ୍ସା ସେବା ଯୋଗାଇ ଦେଇଛନ୍ତି। ସୁସ୍ଥ ପରେ କଥା କହିବା ସମ୍ଭବ ପର ହେଲେ ବ୍ୟକ୍ତିଙ୍କ ଚିହ୍ନଟ ହୋଇ ପାରିବ ବୋଲି ଡିଏସ୍‌ଏସ୍‌ଓ ଦାସ ସୂଚନା ଦେଇଛନ୍ତି।

# ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ରାଶନ କାର୍ଡ ମୁଖ୍ୟ ପ୍ରସଙ୍ଗ

ରାଜକନିକା, ୧୭।୧୧ (ସଞ୍ଜୟ କୁମାର ଦାଶ)

### ରାଜକନିକା ପଞ୍ଚାୟତ ସମିତିର ଚତୁର୍ଥ ଅଧିବେଶନ

ରାଜକନିକା ପଞ୍ଚାୟତ ସମିତି ଚତୁର୍ଥ ଅଧିବେଶନ ସଭାଗୃହରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ମିନତି ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଅଧିବେଶନରେ ବିଧାୟକଙ୍କ ପ୍ରତିନିଧି ବିକାଶ ଚନ୍ଦ୍ର ଦାସ, ଏମ୍‌ପିଙ୍କ ପ୍ରତିନିଧି ପବିତ୍ର ରାଉତ, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ତନ୍ମୟ ରଞ୍ଜନ ଦାସ, ବିଡିଓ ପୃଥ୍ୱୀରାଜ ପରିଡ଼ା, କନିକା ତହସିଲଦାର ଅଶୋକ କୁମାର ଦେହୁରୀ, ଜିଲା ପରିଷଦ ସଭ୍ୟ ପ୍ରତାପ ବେହେରା, ସଭ୍ୟା ଅମିତା ସାହୁ ଓ ପ୍ରବୀଣା ଦାସ ପ୍ରମୁଖ ଯୋଗଦେଇଥିଲେ। ସେମାନେ ବ୍ଲକର ୨୯ଟି ପଞ୍ଚାୟତର ବିଭିନ୍ନ ସମସ୍ୟା ଓ ଉନ୍ନତି ମୂଳକ କାର୍ଯ୍ୟର ସମୀକ୍ଷା କରି ସରକାରଙ୍କ ଲୋକାଭିମୁଖୀ ଯୋଜନା ଗୁଡିକ ସହଜ ଏବଂ ସୁବିଧାରେ ପଞ୍ଚାୟତ ଅଧିବାସୀ କିପରି ଏହାର ଲାଭ ଉଠାଇ ପାରିବେ ସେ ବିଷୟରେ ଆଲୋକପାତ କରିଥିଲେ। ଅଧିବେଶନରେ ସମିତି ସଭ୍ୟ ବାବୁରାମ ଜେନା, ଶରତ ରାଉତ, ଅଞ୍ଜନା ସାହୁ, ସରପଞ୍ଚ ତ୍ରିଲୋଚନ ବିଶ୍ୱାଳ, ଅରୁଣ ରାଉତ, ସ୍ୱର୍ଣ୍ଣଲତା ବେହୁରା, ଲିଲିଭା ମଲ୍ଲିକ, ଶ୍ରଦ୍ଧାଞ୍ଜଳି ମଲ୍ଲିକ, ସୀତା ଦାସ, ଧୀରେନ ଜେନା ଓ ମନୋରମା ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସେମାନେ ରାଶନ କାର୍ଡ, ପାନୀୟ ଜଳ ସମସ୍ୟା, ବିପର୍ଯ୍ୟସ୍ତ ଶିକ୍ଷା ବ୍ୟବସ୍ଥା, ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ ବ୍ୟବସ୍ଥା, ଅବକ୍ଷୟ କୃଷି ବ୍ୟବସ୍ଥା, ଅଙ୍ଗନୱାଡି ଓ ଗମନାଗମନ ପାଇଁ ଗ୍ରାମାଞ୍ଚଳର ରାସ୍ତା ଘାଟ ଆଦି ବିଭିନ୍ନ ସମସ୍ୟା ଉତଥାପନ କରି ଗୃହର ଦୃଷ୍ଟି ଆକର୍ଷଣ କରିଥିଲେ। କାର୍ଯ୍ୟକ୍ରମ ଆରମ୍ଭରୁ ଜୟନଗର ପଞ୍ଚାୟତର ସରପଞ୍ଚ ସ୍ୱର୍ଗତଃ ପ୍ରଦୀପ ଦାସଙ୍କ ଉଦ୍ଦେଶ୍ୟରେ ଗୃହରେ ଏକ ମିନିଟ୍ ନୀରବ ପ୍ରାର୍ଥନା କରି ଶୋକବ୍ୟକ୍ତ କରାଯାଇଥିଲା। ରଞ୍ଜିତ ପରିଡ଼ା, ସୁବ୍ରତ ସାମଲ ଓ ଅନିତ୍ୟ ମିଶ୍ର ଆଦି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।




ପଞ୍ଚାୟତ ସମିତି ବୈଠକରେ ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ।

# କୃଷି ସହ ବିଜ୍ଞାନକୁ ମିଶାଇଲେ ମାତୃଶକ୍ତିର ଜ୍ଞାନରେ ବିକାଶ ହେବ

କୁଜଙ୍ଗ, ୧୭।୧୧ (ମନୋଜ ପ୍ରଧାନ)

ଜାତିସଂଘ ଦ୍ୱାରା ୨୦୨୩ ବର୍ଷକୁ ଅନ୍ତର୍ଜାତୀୟ ମାଣ୍ଡିଆ ବର୍ଷ ପାଳନ କରାଯାଉଛି। ଏନେଇ ଶୁକ୍ରବାର କୁଜଙ୍ଗ ସୂଚନା କେନ୍ଦ୍ରରେ ମାଣ୍ଡିଆ ମେଳା ଅନୁଷ୍ଠିତ ହୋଇଯାଇଛି। ଭାରତୀୟ କୃଷି ଗବେଷଣା ପରିଷଦ (ଆଇସିଏଆର) ଭୁବନେଶ୍ୱର ତରଫରୁ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ଜଗତ୍‌ସିଂହପୁର ଜିଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ରବିନାରାୟଣ ଜେଠୀ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ମାଣ୍ଡିଆଭଳି ଅନ୍ୟାନ୍ୟ ଖାଦ୍ୟ ଗୁଣ ଓ ପୋଷଣତତ୍ତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ । ସେ କହିଥିଲେ, ପ୍ରାଚୀନ ଖାଦ୍ୟ ମାଣ୍ଡିଆକୁ ଆମେ ଭୁଲି ଯାଇଛନ୍ତି। ପ୍ରକୃତରେ ମାଣ୍ଡିଆ ହେଉଛି ପୁଷ୍ଟିକର ଖାଦ୍ୟ। ମଧୁମେହ ରୋଗୀଙ୍କ ପାଇଁ ଏହା ଗୁରୁତ୍ୱ ବହନ କରେ। ସିୱାର ନିର୍ଦ୍ଦେଶିକା ଡ. ମୃଦୁଳା ଦେବୀ ଯୋଗଦେଇ କୃଷିକ୍ଷେତ୍ରରେ ମହିଳାମାନଙ୍କ ଯୋଗଦାନ, ସେମାନଙ୍କର ସମସ୍ୟା ଓ ତାହାର ଦୂରିକରଣ ଉପରେ ଆଲୋକପାତ କରିଥିଲେ। ଲଘୁଶସ୍ୟକୁ



ମାଣ୍ଡିଆ ମେଳାରେ ଯୋଗ ଦେଇଥିବା ଅତିଥିମାନେ।

### ମାଣ୍ଡିଆ ମେଳା

ନେଇ ମହିଳାମାନେ କିପରି ମୂଲ୍ୟଯୁକ୍ତ ଦ୍ରବ୍ୟ ତିଆରି କରିପାରିବେ ଓ ଏହାର ଉଦ୍ୟୋଗ ବିକାଶ କରିପାରିବେ ତା'ଉପରେ ଗୁରୁତ୍ୱ ଦେଇଥିଲେ। ଅନ୍ୟତମ ଅତିଥିଭାବେ କୁଜଙ୍ଗ ପଞ୍ଚାୟତ ସମିତି ଅଧ୍ୟକ୍ଷା ନିନାରାଣୀ ସାହୁ ଯୋଗଦେଇକହିଥିଲେ ଯେମିତି ଆମର ମାଟି ମା' ସେମିତି ମହିଳାମାନେ ଅର୍ଥାତ ମା'ମାନେ କୃଷି ଉପରେ ଧ୍ୟାନ କେନ୍ଦ୍ରିକ କରି ସମାଜକୁ ଖାଦ୍ୟ ଯୋଗାଇ ଦିଅନ୍ତୁ। ମୁଖ୍ୟ ଜିଲା କୃଷି ଅଧିକାରୀ ସଞ୍ଜୀବ କୁମାର ମୁଦୁଲି ଯୋଗଦେଇ କହିଥିଲେ, କୃଷି ସହ ବିଜ୍ଞାନକୁ ମିଶାଇଲେ ମାତୃଶକ୍ତିର ଜ୍ଞାନରେ ବିକାଶ ହେବ। ସମଗ୍ର ଓଡ଼ିଶାରେ ପ୍ରଥମ କରି କୁଜଙ୍ଗ ବ୍ଲକରେ ଏହି ମେଳା ଆୟୋଜନ କରାଯାଇଛି। ଚଳିତ ବର୍ଷ ଜଗତ୍‌ସିଂହପୁର ଜିଲାର ବିରିଡି ବ୍ଲକରେ ୬୦ ହେକ୍ଟର ଜମିରେ ମାଣ୍ଡିଆଚାଷ କରାଯାଇଛି । ଆଗାମୀ ବର୍ଷରେ ଏହି ଚାଷ କୁଜଙ୍ଗ ବ୍ଲକରେ ଅଗ୍ରଣୀ ଭୂମିକା ଗ୍ରହଣ କରିବ ବୋଲି ମୁଦୁଲି ଆଶାପୋଷଣ କରିଥିଲେ । ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ରର ବୈଜ୍ଞାନିକ ଡ.ଜୀବନଜିତ ସେନ, କୁଜଙ୍ଗ ବିଡିଓ ଦିପକ ପ୍ରସାଦ ସ୍ୱାଇଁ, ଅଭିମନ୍ୟୁ ପଣ୍ଡା ପ୍ରମୁଖ ଯୋଗଦେଇ ଆନ୍ତର୍ଜାତୀୟ ମାଣ୍ଡିଆ ବର୍ଷର ଗୁରୁତ୍ୱ ଓ ମହିଳାମାନଙ୍କ ସ୍ୱାସ୍ଥ୍ୟପାଇଁ ଲଘୁଶସ୍ୟର ପ୍ରାଧାନ୍ୟ ଉପରେ ଆଲୋଚନା କରିଥିଲେ । ଉକ୍ତ ମେଳାରେ ମାଣ୍ଡିଆ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ଖାଦ୍ୟ ସାମଗ୍ରି ଯଥା-କେକ୍, ପୋଡ଼ପିଠା, ଲଡ୍ଡୁ, ଖୁଦୁମା ପ୍ରଭୃତି ଅନେକ ଦ୍ରବ୍ୟ ମା'ମଙ୍ଗଳା ସ୍ୱୟଂ ସହାୟିକା ଗୋଷ୍ଠୀ, ଶ୍ରୀ ଲୋକନାଥ ସ୍ୱୟଂସହାୟିକା ଗୋଷ୍ଠୀ ଚକ୍ରଧରପୁର ଓ ତାରା ତାରିଣୀ ସ୍ୱୟଂସହାୟିକା ଗୋଷ୍ଠୀ ନୂଣୁକୁଆ ଦ୍ୱାରା ଷ୍ଟଲ ଖୋଲାଯାଇ ପ୍ରଦର୍ଶିତ ହୋଇଥିଲ। ଏଥିରେ ପ୍ରାୟ ୨ଶହ କୃଷିରତ ମହିଳା ଯୋଗଦେଇଥିଲେ। ଡକ୍ଟର ସବିତା ମିଶ୍ର, ଡକ୍ଟର ନିତୀଶ କୁମାର ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିଥିଲେ। ବରିଷ୍ଠ ବୈଜ୍ଞାନିକ ଡକ୍ଟର ସଚ୍ଚିଦାନନ୍ଦ ସ୍ୱାଇଁ ସଭା ସଂଯୋଜନା କରିଥିବାବେଳେ ସହ ସଂଯୋଜକ ଡ. ପ୍ରବିଣ ଜାଖର ଧନ୍ୟବାଦ ଅର୍ପଣ କରିଥିଲ।

# ଜିଲାପାଳଙ୍କ କାର୍ଯ୍ୟାଳୟ ଆଦିବାସୀ ଘେରିଲେ

ନୟାଗଡ,୧୭ା୧୧(ଲୋକନାଥ ମିଶ୍ର)



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆଦିବାସୀମାନେ ଆନ୍ଦୋଳନ କରୁଛନ୍ତି।

- ନିଲାମ ପ୍ରତ୍ୟାହାର ପାଇଁ ଆନ୍ଦୋଳନ
- ଚିଠି ଦେଖାଇଲେ ଜିଲାପାଳ
- ୩ ବର୍ଷ ପାଇଁ ନିଲାମ ହୋଇଥିଲା କାଜୁ ଜଙ୍ଗଲ

କାଜୁ ଜଙ୍ଗଲର ନିଲାମ ପ୍ରତ୍ୟାହାର ପାଇଁ ଓଡ଼ଗାଁ ବ୍ଲକ ଅଞ୍ଚଳର ଶାଳିଆଝରୀ, କାଳିଆମ୍ବା ଓ ଭୋବସର ଆଦିବାସୀମାନେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଶୁକ୍ରବାର ଘେରିଥିଲେ। ଦାବି ରଖିଥିଲେ କାଜୁ ଜଙ୍ଗଲ ନିଲାମ ପ୍ରତ୍ୟାହୃତ ନ ହେଲେ ଆନ୍ଦୋଳନରୁ ହଟିବେ ନାହିଁ। କାଜୁ ଜଙ୍ଗଲ ନିଲାମ ପ୍ରତ୍ୟାହାର ପାଇଁ ଓଡ଼ିଶା ବନ ଉନ୍ନୟନ ନିଗମ ଲିଃକୁ ଜିଲାପାଳ ଲେଖିଥିବା ଚିଠି ଦେଖାଇବା ପରେ ଆଦିବାସୀମାନେ ଆନ୍ଦୋଳନକୁ ପ୍ରତ୍ୟାହୃତ କରି ନେଇଥିଲେ। ତେବେ ଆଦିବାସୀଙ୍କ ଆଗୋଚରରେ କାଜୁ ଜଙ୍ଗଲଟିକୁ ଓଡ଼ିଶା ବନ ଉନ୍ନୟନ ନିଗମ ୩ ବର୍ଷ ପାଇଁ ନିଲାମ କରି ଦେଇଥିଲା। କାଜୁ ଜଙ୍ଗଲ ନିଲାମ ପ୍ରତ୍ୟାହାର ପାଇଁ ଏପ୍ରିଲରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରିଥିଲେ। ଆନ୍ଦୋଳନର ୬ମାସ ପରେ ଆଦିବାସୀ ନ୍ୟାୟ ନ ପାଇବାରୁ ଶୁକ୍ରବାର ପୁଣି ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିଥିଲେ।

କାଜୁ ଜଙ୍ଗଲ ବିବାଦକୁ ନେଇ ବୁଢ଼ାବୁଢ଼ିଆଣୀ ଡ୍ୟାମ ଓ ବାଘୁଆ ନଦୀବନ୍ଧର ବିସ୍ଥାପିତ ଆଦିବାସୀଙ୍କ ଜିବନଜୀବିକାରେ ପ୍ରଭାବ ପକାଇଛି। ଶାଳିଆଝରୀ ଓ ପୋକରାଆମ୍ବା ଗାଁର ଆଦିବାସୀ ବୁଢ଼ାବୁଢ଼ିଆଣୀ ଡ୍ୟାମ ପରିସରରେ ରହୁଥିଲେ। ଡ୍ୟାମ ନିର୍ମାଣ ହେବା ସମୟରେ ଉଭୟ ଗାଁର ଆଦିବାସୀ ବିସ୍ଥାପିତ ହୋଇଥିଲେ। ଆଦିବାସୀମାନେ ଘର ପାଖରେ ଥିବା ସରକାରୀ ଜମିରେ ବିରି, ମୁଗ ପରି ଅନେକ ଫସଲ କରି ଚଳୁଥିଲେ। ୧୯୯୦-୯୧ ମସିହାରେ ଓଡ଼ିଶା ବନ ଉନ୍ନୟନ ନିଗମ ଲିଃ କର୍ମଚାରୀ ବୁଝାଶୁଝା କରି ଗାଁ ପଦାରେ କାଜୁ ଗଛ ଲଗାଇବାକୁ ବୁଝାଇଲେ। କାଜୁ ଗଛରେ ଫଳ ଆସିଲେ ଫଳକୁ ବିକ୍ରି ଚଳିବାକୁ କହିବା ପରେ ଗାଁ ଲୋକ ରାଜି ହେଲେ। ଗାଁର ଆଦିବାସୀ ଓଡ଼ିଶା ବନ ଉନ୍ନୟନ ନିଗମ ଲିଃ ସହଯୋଗରେ କାଜୁ ଗଛ ଲଗାଇ ଛୋଟରୁ ବଡ କଲେ। ଗଛରେ ଫଳ ଆସିଲା। ଆଦିବାସୀଙ୍କ ଜୀବନଜୀବିକାରେ ପରିବର୍ତ୍ତନ ଆସିଲା। ତେବେ ୨୦୨୩ ରୁ ୨୦୨୪ -୨୫ ଆର୍ଥିକ ବର୍ଷ ପାଇଁ ୧୧୦ ହେକ୍ଟରର କାଜୁ ଜଙ୍ଗଲକୁ ଓଡ଼ିଶା ବନ ଉନ୍ନୟନ ନିଗମ ଲିଃ ୧୦ ହଜାର ଟଙ୍କାରେ ୩ ବର୍ଷ ପାଇଁ ନିଲାମ କରିଥିଲେ। ଗଞ୍ଜାମ ଜିଲା ଇନ୍ଦ୍ରାଖିର ଅନୀଲ ସେଠୀ ଏହି ନିଲାମ ନେଇଥିବାବେଳେ ଓଡଗାଁର କିଛି ଗୁଣ୍ଡା ଆସି କାଜୁ ଜଙ୍ଗଲକୁ ନେଇ ଗଣ୍ଡଗୋଳ ମାରପିଟ୍ କରିଥିଲେ। ଏଣୁ କାଜୁ ପଦରରେ ପାରମ୍ପରିକ ଅଧିକାର ପାଇଁ ଆଦିବାସୀ ମେଳି ହୋଇ ପ୍ରତିବାଦ କରିଥିଲେ। ଏ ନେଇ ବାମପନ୍ଥୀ ନେତା ବିଶ୍ୱନାଥ ମହାପାତ୍ର, ଆଦିବାସୀ ନେତା ଜଗବନ୍ଧୁ ଜାନୀ ଓ ଦ୍ୟୁତିକୃଷ୍ଣ ପ୍ରଧାନ କୁହନ୍ତି, ବାରମ୍ବାର ଆନ୍ଦୋଳନ ପରେ ଆଦିବାସୀ ନ୍ୟାୟ ପାଇବେ ବୋଲି ଆଶା ସଞ୍ଚାର ହୋଇଛି। ଆଦିବାସୀଙ୍କ ଦୁଃଖକୁ ଅନୁଭବ କରି ଜିଲାପାଳ କାଜୁ ଜଙ୍ଗଲ ଲିଜକୁ ପ୍ରତ୍ୟାହୃତ ପାଇଁ ଓଡ଼ିଶା ବନ ଉନ୍ନୟନ ନିଗମ ଲିଃକୁ ଚିଠି କରିଛନ୍ତି। ଜିଲାପାଳଙ୍କ ଚିଠି ପରେ ଆଦିବାସୀଙ୍କ ଆନ୍ଦୋଳନର ଶ୍ରେୟ ମିଳିଛି ବୋଲି କହିଛନ୍ତି। ଜିଲାପାଳ ରବୀନ୍ଦ୍ର ନାଥ ସାହୁଙ୍କୁ ପଚାରିବାରେ କାଜୁ ଜଙ୍ଗଲ ପାଇଁ ଆଦିବାସୀଙ୍କ ଆନ୍ଦୋଳନକୁ ଅନୁଧ୍ୟାନ କରାଯାଇଥିଲା। କାଜୁ ଜଙ୍ଗଲରୁ ଆଦିବାସୀଙ୍କ ଜୀବନ ଜୀବିକା ନିର୍ଭର କରୁଥିବାରୁ ପ୍ରଶାସନ ସେମାନଙ୍କ ପାଇଁ ଗତ ୭ ତାରିଖରେ ଓଡ଼ିଶା ବନ ଉନ୍ନୟନ ନିଗମ ଲିଃର ଚେୟାରମ୍ୟାନଙ୍କୁ ଚିଠି ଲେଖି ନିଲାମ ପ୍ରତ୍ୟାହୃତ ଜଣାଇଛନ୍ତି। ଚିଠି ଦେଖିଲା ପରେ ଆଦିବାସୀ ଆନ୍ଦୋଳନ ପ୍ରତ୍ୟାହୃତ କରି ନେଇଛନ୍ତି ବୋଲି ସେ କହିଛନ୍ତି।

ସେଲ୍ଫି କର୍ନର ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



@ ବାମନ



@ ଅରୁଣ



@ ଶିବୁନା



@ ବ୍ରଜସୁନ୍ଦର



@ ଆଦିତ୍ୟ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ସଂସ୍କୃତ ମହାବିଦ୍ୟାଳୟରେ କ୍ରୀଡ଼ା, ସାଂସ୍କୃତିକ ପ୍ରତିଯୋଗିତା

ଓଡ଼ଗାଁ,୧୭ା୧୧ (ଆଦର୍ଶ କୁମାର ପଟ୍ଟନାୟକ )

ଓଡଗାଁ ବ୍ଲକ ଅନ୍ତର୍ଗତ କୁରାଳ ଦଧିବାମନ ସଂସ୍କୃତ ମହାବିଦ୍ୟାଳୟରେ ଉଚ୍ଚଶିକ୍ଷା ବିଭାଗ ଆନୁକୂଲ୍ୟରେ ୯ ତାରିଖରୁ ଆରମ୍ଭ ହୋଇଥିବା କ୍ରୀଡା ଓ ସାଂସ୍କୃତିକ ପ୍ରତିଯୋଗିତା ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ମହାବିଦ୍ୟାଳୟର ସ୍ଥାୟୀ ସଭାପତି ଡ. ଗୋପୀନାଥ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ସ୍ଥାନୀୟ ସରପଞ୍ଚ ବିଜନ ପାଇକରାୟ ଯୋଗ ଦେଇଥିବାବେଳେ ସମିତିସଭ୍ୟା କନକ ପାତ୍ର, ଅବସରପ୍ରାପ୍ତ କ୍ରୀଡା ଶିକ୍ଷକ ସୁବାସ ଚନ୍ଦ୍ର ସାହୁ, ଅବସରପ୍ରାପ୍ତ ଆରକ୍ଷୀ ପ୍ରଶିକ୍ଷଣ ଅଧିକାରୀ ରଜତ କୁମାର ମହାପାତ୍ର, ବ୍ଲକ ସାମ୍ବାଦିକ ସଂଘ ସମ୍ପାଦକ ଗଣେଶ୍ୱର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସେମାନେ ସାମାଜିକ ସେବା ତଥା ସାଂସ୍କୃତିକ କାର୍ଯ୍ୟକ୍ରମ ଏକ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ ବୋଲି ମତଦେବା ସହିତ ଛାତ୍ରଛାତ୍ରୀ ମାନଙ୍କୁ ଉତ୍ତମ ଭବିଷ୍ୟତ ଗଠନ କରି ଅନୁଷ୍ଠାନର ସୁନାମ ଅର୍ଜନ କରିବା ପାଇଁ ଆହ୍ୱାନ ଦେଇଥିଲେ। ପରେ କ୍ରୀଡ଼ା ଓ ସାଂସ୍କୃତିକ ପ୍ରତିଯୋଗିତାର କୃତିତ୍ୱ ଅର୍ଜନ କରିଥିବା ପ୍ରତିଭାଙ୍କୁ ଟ୍ରଫି ଓ ପ୍ରମାଣପତ୍ର ଦେଇ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟ ଅଧ୍ୟକ୍ଷ ଭାବଗ୍ରାହୀ କର ପରିଚାଳନା କରିଥିବାବେଳେ ନୋଡାଲ ଅଫିସର ତଥା ଇଂରାଜୀ ଅଧ୍ୟାପକ କୃଷ୍ଣଚନ୍ଦ୍ର ସାହୁ, ଦର୍ଶନ ଅଧ୍ୟାପକ ବିଜୟାନନ୍ଦ ଶତପଥୀ ସଂଯୋଜନା କରିଥିଲେ। ଅଧ୍ୟାପକ ଅବନୀକାନ୍ତ ପାତ୍ର, ସୁଶାନ୍ତ ବିଷୋୟୀଙ୍କ ସମେତ ସମସ୍ତ କର୍ମଚାରୀ ସହଯୋଗ କରିଥିବା ଜଣାପଡିଛି।





ଅତିଥିମାନେ ଜଣେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି।

# ବିଦ୍ୟୁତ୍, ଜଳ ଯୋଗାଣ ବ୍ୟବସ୍ଥା ହୋଇପାରିନାହିଁ

## ୭ବର୍ଷ ହେଲା କାର୍ଯ୍ୟକ୍ଷମ ହେଉନି ସିଧାମୂଳା କଲ୍ୟାଣ ମଣ୍ଡପ



ଖଣ୍ଡପଡ଼ା,୧୭ା୧୧(ଅଜୟ କୁମାର ମହାରଣା)

ଖଣ୍ଡପଡା ବ୍ଲକ ଅନ୍ତର୍ଗତ ସିଧାମୂଳା ଗୋକୁଳାନନ୍ଦ ଜୀଉ ପର୍ଯ୍ୟଟନ ପୀଠରେ ୭ ବର୍ଷ ହେଲା ନିର୍ମାଣାଧୀନ ଏକ କଲ୍ୟାଣ ମଣ୍ଡପରେ ବିଦ୍ୟୁତ୍ ସଂଯୋଗ ଏବଂ ଜଳ ଯୋଗାଣ ବ୍ୟବସ୍ଥା ହୋଇ ନ ଥିବାରୁ ନିର୍ମାଣ କାର୍ଯ୍ୟ ସମ୍ପନ୍ନ ପରେ ବି ସର୍ବସାଧାରଣଙ୍କ କାର୍ଯ୍ୟରେ ଆସିପାରୁନାହିଁ। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

ପ୍ରତ୍ୟେକ ପଞ୍ଚାୟତରେ ଗୋଟିଏ ଲେଖାଏ ରାଜୀବ ଗାନ୍ଧୀ ସେବା କେନ୍ଦ୍ର ନିର୍ମାଣ ପାଇଁ ପଞ୍ଚାୟତ ପାଣ୍ଠି ସହ କେନ୍ଦ୍ରୀୟ ଅନୁଦାନ ମଞ୍ଜୁର ହୋଇଛି। ଏହି କାର୍ଯ୍ୟ ୬ ମାସ ମଧ୍ୟରେ ସମ୍ପନ୍ନ କରିବାର ବ୍ୟବସ୍ଥା ରହିଥିଲେ ମଧ୍ୟ ସିଧାମୂଳା ପର୍ଯ୍ୟଟନସ୍ଥଳୀରେ ଗତ ୨୦୧୬ରେ ୩୫ ଲକ୍ଷ ଟଙ୍କା ବ୍ୟୟ ବରାଦରେ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିବା କଲ୍ୟାଣ ମଣ୍ଡପ କ୍ଷେତ୍ରରେ ଏହାର ବ୍ୟତିକ୍ରମ ଦେଖାଯାଇଛି। ସିଧାମୂଳା ପଞ୍ଚାୟତ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀଙ୍କ ନାମରେ କାର୍ଯ୍ୟାଦେଶ ରହିଥିବା ବେଳେ ପଞ୍ଚାୟତ ପିଇଓଙ୍କ ଦ୍ୱାରା ଉକ୍ତ କାର୍ଯ୍ୟଟି ଆରମ୍ଭ ହୋଇଥିଲା। ତେବେ ତତ୍କାଳୀନ ସରପଞ୍ଚ ଏହି କାର୍ଯ୍ୟ କରିବାରେ ମୁଖ୍ୟ ଭୂମିକା ନେଇଥିଲେ। ଉକ୍ତ କାର୍ଯ୍ୟର ମେଜିଆ ପତନ କାର୍ଯ୍ୟ ସମ୍ପନ୍ନ ପରେ ଏହି କାର୍ଯ୍ୟ ପାଇଁ ଗତ ୨୦୧୬ ଡିସେମ୍ବର ୧୪ରେ ଉକ୍ତ କାର୍ଯ୍ୟର ବିଲ ପ୍ରସ୍ତୁତ କରାଯାଇ ୨୦୧୭ ଜାନୁୟାରୀ ୩ରେ ୫ଲକ୍ଷ ୭୪ ହଜାର ଟଙ୍କା ପେମେଣ୍ଟ ହୋଇଥିଲା। ପରବର୍ତ୍ତୀ ସମୟରେ କାର୍ଯ୍ୟଟି ସେହି ମେଜିଆ ପତନରେ ଅଟକି ରହିଥିବା ବେଳେ ଅଗ୍ରଗତି ପାଇଁ ଆଉ ୩ ଲକ୍ଷ ୨ହଜାର ଟଙ୍କା ଅଗ୍ରିମ ଆକାରରେ ପ୍ରଦାନ କରାଯାଇଥିଲା। ମାତ୍ର ପରିତାପର ବିଷୟ ସମ୍ପୃକ୍ତ କାର୍ଯ୍ୟଟି ଆଜକୁ ୭ ବର୍ଷ ପରେ ମଧ୍ୟ କାର୍ଯ୍ୟକ୍ଷମ ହୋଇ ପାରୁ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନାଯୋଗ୍ୟ, ତତ୍କାଳୀନ ସରପଞ୍ଚଙ୍କ କାର୍ଯ୍ୟ ସମ୍ପାଦନରେ ପରିଚାଳନା ଗତ ତ୍ରୁଟି ଯୋଗୁ କାର୍ଯ୍ୟଟି ଅର୍ଦ୍ଧ ନିର୍ମିତ ଅବସ୍ଥାରେ ଅଟକି ରହିଥିଲା। ପରେ କାର୍ଯ୍ୟ ସମ୍ପନ୍ନରେ ବିଳମ୍ବ ତଥା ବିଶୃଙ୍ଖଳିତ କାର୍ଯ୍ୟ ସମ୍ପାଦନ ଅଭିଯୋଗରେ ତତ୍କାଳୀନ ସରପଞ୍ଚଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ସହ ତାଙ୍କୁ ଜେଲ ଯିବାକୁ ପଡିଥିଲା। ତେବେ ଉକ୍ତ କାର୍ଯ୍ୟ ସମ୍ପାଦନ ଦାୟିତ୍ୱ ବର୍ତ୍ତମାନର ପଞ୍ଚାୟତ କର୍ତ୍ତୃପକ୍ଷଙ୍କ ଉପରେ ନ୍ୟସ୍ତ ରହିଥିବା ବେଳେ କାର୍ଯ୍ୟଟି ଏବେ ସମ୍ପୂର୍ଣ୍ଣ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ମାତ୍ର ଉକ୍ତ କଲ୍ୟାଣ ମଣ୍ଡପକୁ ବିଦ୍ୟୁତ୍ ସଂଯୋଗର ବ୍ୟବସ୍ଥା ହୋଇ ନ ଥିବାରୁ ସମସ୍ୟା ସୃଷ୍ଟି ହୋଇଛି। ଅପରପକ୍ଷରେ ବିଦ୍ୟୁତ୍ ସଂଯୋଗ ନ ଥିବାରୁ ଜଳ ଯୋଗାଣ ହେବାରେ ବାଧା ସୃଷ୍ଟି ହୋଇଛି। କଲ୍ୟାଣ ମଣ୍ଡପ ଆଗରେର ୧୧ କେଭି ଲାଇନ ଯାଇଥିବା ବେଳେ ଏହି ଲାଇନରୁ ବିଦ୍ୟୁତ୍ ସଂଯୋଗ ନେବାକୁ ଏକ ଟ୍ରାନ୍ସଫର୍ମରର ଆବଶ୍ୟକତା ରହିଛି। ତେବେ ପଞ୍ଚାୟତ ପକ୍ଷରୁ ଏକ ବିଦ୍ୟୁତ୍ ଟ୍ରାନ୍ସଫର୍ମର ବ୍ୟବସ୍ଥା କରାଯିବା ପାଇଁ ପ୍ରୟାସ ଜାରି ରହିଥିବା ଜଣାଯାଇଛି।

# ପଞ୍ଚମୁଖୀ ହନୁମାନ ପୀଠରେ ଭକ୍ତଙ୍କ ଭିଡ଼

ନୂଆଗାଁ,୧୭ା୧୧(ଧନେଶ୍ୱର ସାହୁ)

ନୂଆଗାଁ ବ୍ଲକ କୋରଡ଼ା-ମିନାଗାଡିଆ ରାସ୍ତାକଡ଼କୁ ଲାଗି ରହିଥିବା ପଞ୍ଚମୁଖୀ ହନୁମାନ ପୀଠରେ ଶୁକ୍ରବାର ଭକ୍ତଙ୍କ ଭିଡ଼ ହୋଇଥିଲା। ରାସ୍ତାର ରକ୍ତପଟା ଗାଁ ପାଖରେ ଥିବା ପାହାଡ଼ରେ ବିଜେ ପଞ୍ଚମୁଖୀ ହନୁମାନ ମନ୍ଦିରରେ ପ୍ରତି ମଙ୍ଗଳବାର, ଶନିବାର ଓ ସଂକ୍ରାନ୍ତିରେ ଭକ୍ତଙ୍କ ଗହଳି ହୋଇଥାଏ। କିନ୍ତୁ ଶୁକ୍ରବାର ସଂକ୍ରାନ୍ତି ହୋଇଥିବାରୁ ଭକ୍ତଙ୍କ ଭିଡ଼ ଲାଗି ରହିଥିଲା। ଉକ୍ତ ମନ୍ଦିରରେ ଭୋରରୁ ଠାକୁରଙ୍କ ଆଳତି ହୋଇଥିଲା। ଦିନତମାମ୍ ସ୍ଥାନୀୟ ଲୋକଙ୍କ ଦ୍ୱାରା ନାମ ସଂକୀର୍ତ୍ତନ କରିଥିଲେ। ଏହି ପୀଠଟି ଆଧ୍ୟାତ୍ମିକ ସହ ପ୍ରାକୃତିକ ପରିବେଶରେ ପରିପୂର୍ଣ୍ଣ ଥିବାରୁ ପ୍ରତିଦିନ ଜିଲା ତଥା ଜିଲା ବାହାରୁ ଭକ୍ତ ଆସୁଛନ୍ତି। ତେଣୁ ଏହାର କଳେବର ବୃଦ୍ଧି କରିବା ସହ ଏହାକୁ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ଦେବାକୁ କମିଟି ଓ ଅଞ୍ଚଳବାସୀ ଦାବି କରିଛନ୍ତି।

# ଖଣ୍ଡପଡ଼ା ଅଞ୍ଚଳରେ କାୟାବିସ୍ତାର କରୁଛି ବ୍ରାଉନସୁଗାର

ଖଣ୍ଡପଡ଼ା,୧୭ା୧୧(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ଥାନା ଅଞ୍ଚଳରେ ଏବେ ବ୍ରାଉନସୁଗାର କାରବାର ଖୁଲମ ଖୁଲା ଭାବେ ଚାଲିଥିବା ଅଭିଯୋଗ ହୋଉଛି। ଅର୍ଥ ଲୋଭରେ ଅନେକ ଶିକ୍ଷିତ ବେକାର ଯୁବକ ଏହି କାରବାରରେ ସମ୍ପୃକ୍ତ ଥିବା ନେଇ ସାଧାରଣରେ ଆଲୋଚନା ହେଉଛି। ପୋଲିସ ଓ ଅବକାରୀ ବିଭାଗ କର୍ତ୍ତୃପକ୍ଷଙ୍କ ଉଦାସୀନତାର ସୁଯୋଗ ନେଇ ବ୍ରାଉନସୁଗାର କାରବାରରେ ସମ୍ପୃକ୍ତ ଥିବା ବ୍ୟକ୍ତିବିଶେଷ ବେଶ ସକ୍ରିୟ ହୋଇ ଉଠିଥିବା ଜଣାପଡିଛି। ଖଣ୍ଡପଡା ବ୍ଲକର ଖଳିସାହି, ନିକଟସ୍ଥ ବାହାଡା, ସିଧାମୂଳା, କଣ୍ଟିଲୋ, ମର୍ଦ୍ଦରାଜପୁର, ବାଣପୁର ବୋଦସା, ପଥରଚକଡା ପ୍ରଭୃତି ଅଞ୍ଚଳ ଏବେ ବ୍ରାଉନସୁଗାର କାରବାରର ପେଣ୍ଠସ୍ଥଳୀ ପାଲଟି ଥିବା ଅଭିଯୋଗ ହେଉଛି। ବିଳମ୍ବିତ ରାତିରେ ଯାନବାହନ ଯୋଗେ ଖଣ୍ଡପଡ଼ା ଅଞ୍ଚଳକୁ ବ୍ରାଉନସୁଗାର ଆସୁଥିବା ବେଳେ ବିଭିନ୍ନ ନେଟୱାର୍କ ଜରିଆରେ ଏହାକୁ ଅନେକ ସ୍ଥାନକୁ ପଠାଯାଉଛି। ବର୍ଷବର୍ଷ ଧରି ଏହି କାରବାର ନିର୍ବିଘ୍ନରେ ଚାଲିଥିଲେ ହେଁ ଏହାକୁ ରୋକ ଲଗାଇବା ଦିଗରେ ଅବକାରୀ ନତୁବା ପୋଲିସ ବିଭାଗ କେହି ହେଲେ ଧ୍ୟାନ ଦେଉ ନ ଥିବା ଅଭିଯୋଗ ହେଉଛି। ନୟାଗଡ ଏସ୍‌ପି ଓ ଜିଲାପାଳ ଏ ଦିଗରେ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ଲିଫ୍ଟ ଛିଣ୍ଡିଯିବାରୁ ଶିକ୍ଷକଙ୍କ ଗୋଡ଼ କଟିଗଲା

ନୟାଗଡ଼,୧୭ା୧୧(ଲୋକନାଥ ମିଶ୍ର)

ଲିଫ୍ଟ ଛିଣ୍ଡିଯିବାରୁ ଭିତରେ ଚାପି ହୋଇ ନୟାଗଡ଼ର ଜଣାଶୁଣା କବି, ଲେଖକ, ମଞ୍ଚ ଉପସ୍ଥାପକ, ଆକାଶବାଣୀ କଳାକାର ତଥା ଶିକ୍ଷକ ବିଭୂତି ଭୂଷଣ ମିଶ୍ର ଗୁରୁତର ହୋଇଛନ୍ତି। ଲିଫ୍ଟ ଭିତରୁ ଶିକ୍ଷକଙ୍କୁ ଉଦ୍ଧାର କଲାବେଳେ ଗୋଡ଼ କଟି ଯାଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଅବସ୍ଥାରେ ଉନ୍ନତି ନ ଆସିବାରୁ ଭୁବନେଶ୍ୱରକୁ ସ୍ଥାନାନ୍ତର କରାଯାଇଛି। ୨ ଦିନ ତଳେ ବିଭୂତି ଏକ ରେସିଡେନ୍‌ସିଆଲ ସ୍କୁଲକୁ କୋଚିଂ ପାଇଁ ଯାଇଥିଲେ। ଲିଫ୍ଟ ଦ୍ୱାରା ୫ମ ମହଲାକୁ ଯାଉଥିବାବେଳେ ଲିଫ୍ଟ ଛିଣ୍ଡି ଯାଇଥିଲା। ତାଙ୍କ ଅପରେଶନ ପାଇଁ ୫ଲକ୍ଷ ଟଙ୍କା ଦରକାର। ଗୋଡ଼କୁ ୩ଥର ଅପରେଶନ କରାଯିବ। ଅଭାବୀ ପରିବାର ଯୋଗୁ କିପରି ଅର୍ଥ ଯୋଗାଡ଼ ହେବ ସେନେଇ ଚିନ୍ତା ବଢ଼ିବାରେ ଲାଗିଛି।

# ସରକାରୀ ଯୋଜନାରୁ ଆଦିବାସୀ ସମ୍ପ୍ରଦାୟ ଲୋକେ ବଞ୍ଚିତ

ଖଣ୍ଡପଡା,୧୭ା୧୧(ଅଜୟ କୁମାର ମହାରଣା)

ଦାରିଦ୍ର୍ୟର ସୀମାରେଖା ତଳେ ବାସ କରୁଥିବା ପରିବାର ବର୍ଗଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବାକୁ କେନ୍ଦ୍ର ଓ ରାଜ୍ୟ ସରକାର ଅନେକ କଲ୍ୟାଣକାରୀ ଯୋଜନାମାନ ପ୍ରଣୟନ କରିଛନ୍ତି। ମାତ୍ର ପଞ୍ଚାୟତସ୍ତରୀୟ ଲୋକ ପ୍ରତିନିଧିଙ୍କ ଆନ୍ତରିକତା ଅଭାବରୁ ଶତାଧିକ ଆଦିବାସୀ ଓ ଜନଜାତି ସମ୍ପ୍ରଦାୟର ଜନସାଧାରଣ ସରକାରଙ୍କ ଜନହିତକର ଯୋଜନାଗୁଡିକରୁ ବଞ୍ଚିତ ହୋଇ ଦୁର୍ଦ୍ଦିନରେ ଦିନ କାଟୁଥିବା ଜଣାପଡିଛି। ଖଣ୍ଡପଡା ବ୍ଲକ ଅଧୀନ ସିଂଘାପଡା, କିଆଝରେ, ଗଡିଆସାହି, କୋସକା, ରୟତଢୋଲମରା, ବଳଭଦ୍ରପ୍ରସାଦ, ସିଧାମୂଳା, ଯୋଗିଆପଲ୍ଲୀ, ଶାଳଝରିଆ, ରାଣୀଛେଲ୍ଲୀ ପଞ୍ଚାୟତ ଅଧୀନ ବଣପାହାଡ ଘେରା ଘଞ୍ଚ ଜଙ୍ଗଲ ମଧ୍ୟରେ ବାସ କରୁଥିବା ଶତାଧିକ ଜନସାଧାରଣଙ୍କ ନିକଟରେ ଏବେବି ଖାଉଟି କାର୍ଡ ଖଣ୍ଡେ ନ ମିଳିବା ବେଳେ ମାସିକ ଭତ୍ତା, ଜରୁରୀ କାଳୀନ ପରିସ୍ଥିତିରେ ସ୍ୱାସ୍ଥ୍ୟସେବା ପରି ମୌଳିକ ସେବା ପାଇବାରୁ ବଞ୍ଚିତ ହୋଇଛନ୍ତି ଜନଜାତି ସଂପ୍ରଦାୟର ଜନସାଧାରଣ। ଏବେବି ସେମାନେ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ, ସହ ଶାଳପତ୍ରର ଖଲି, ଠୁଙ୍ଗା ଆଦି ପ୍ରସ୍ତୁତ କରି ପରିବାର ପ୍ରତିପୋଷଣ କରୁଥିବା ଜଣାପଡିଛି। ଆଜିକାଲି ମହଙ୍ଗା ଦୁନିଆରେ ଜଙ୍ଗଲ ଜାତ ଦ୍ରବ୍ୟ ଲାଖ, ଝୁଣା, ମହୁ, ବାଉଁଶ କରଡି, ପାଣିଆଳୁ ଉପରେ ନିର୍ଭର କରି ପରିବାର ପ୍ରତିପୋଷଣ କରିବା ଏକ କଷ୍ଟସାଧ୍ୟ ବ୍ୟାପାର ଅଟେ ବୋଲି ଅନେକ ମତ ଦେଇଛନ୍ତି। ସେହିପରି ଅନେକ ପରିବାର ଜଙ୍ଗଲ ଜମିରେ ନୂଆଁଣିଆ ଚାଳ ଛପର ଘରେ ଅତି ଦୟନୀୟ ଅବସ୍ଥାରେ ବାସ କରୁଥିଲେ ହେଁ ସେମାନଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ନତୁବା ବିଜୁ ପକ୍କାଘର ଯୋଜନାରେ ବାସଗୃହ ଖଣ୍ଡେ ନ ମିଳିବା ଦୁଃଖର ବିଷୟ। ସରକାରୀ ଯୋଜନାରୁ ବର୍ଷବର୍ଷ ଧରି ବଞ୍ଚିତ ହୋଇଥିବା ଏହି ଧରଣର ପରିବାର ବର୍ଗଙ୍କ ପ୍ରତି ପ୍ରଶାସନ ସଦୟ ହେବାକୁ ସାଧାରଣରେ ଦାବି ହେଉଛି।



ଜଣେ ଆଦିବାସୀ ମହିଳା ଖଲିପତ୍ର ପ୍ରସ୍ତୁତ କରୁଛନ୍ତି।

# ମକ୍‌ଡ୍ରିଲ ଟ୍ରେନ୍ ଦୁର୍ଘଟଣାର ଭ୍ରମ ସୃଷ୍ଟିକଲା

ନୟାଗଡ଼,୧୭ା୧୧(ଲୋକନାଥ ମିଶ୍ର)

ଟ୍ରେନ୍ ଲାଇନଚ୍ୟୁତ କିମ୍ବା ଦୁର୍ଘଟଣା ପରି ଜରୁରିକାଳୀନ ପରିସ୍ଥିତିରେ ମଣ୍ଡଳର ସମସ୍ତ ବିଭାଗର ପ୍ରସ୍ତୁତି ଯାଞ୍ଚ କରିବାକୁ ଖୋର୍ଦ୍ଧାରୋଡ଼ ମଣ୍ଡଳ ଦ୍ୱାରା ନୟାଗଡ଼ ଟାଉନ୍ ରେଳଷ୍ଟେଶନରେ ଶୁକ୍ରବାର ମକ୍‌ଡ୍ରିଲ୍ ଅନୁଷ୍ଠିତ ହୋଇଥିଲା। ବିପର୍ଯ୍ୟୟ ପରିଚାଳନା ଅଭ୍ୟାସ ଉପରେ ଅନୁଷ୍ଠିତ ମକ୍‌ଡ୍ରିଲକୁ ଦେଖି ଟ୍ରେନ୍ ଦୁର୍ଘଟଣା ବୋଲି ସାଧାରଣରେ ଭ୍ରମ ସୃଷ୍ଟି ହୋଇଥିଲା। କେତେଜଣ ଲୋକ ଫୋନ୍ କରି ଟ୍ରେନ୍ ଦୁର୍ଘଟଣା ନେଇ ଗଣମାଧ୍ୟମକୁ ଅବଗତ କରାଇଥିଲେ। ଘଟଣାସ୍ଥଳକୁ ଯାଇ ଦେଖିବା ପରେ ମକ୍‌ଡ୍ରିଲ ବୋଲି ଜଣାପଡ଼ିଥିଲା। ଶୁକ୍ରବାର ନୟାଗଡ଼ ଟାଉନ୍ ରେଳଷ୍ଟେଶନରେ ଏକ ତୀର୍ଥଯାତ୍ରୀ ଟ୍ରେନ୍‌ର ଦୁଇଟି କୋଚ୍ ଲାଇନଚ୍ୟୁତ ସମୟରେ ବିଭାଗ ଦ୍ୱାରା ନିଆଯାଇଥିବା ଉଦ୍ଧାର ଏବଂ ପୁନରୁଦ୍ଧାର କାର୍ଯ୍ୟ ଉପରେ ମକ୍‌ଡ୍ରିଲ୍ କରାଯାଇଥିଲା। ପ୍ରକୃତ ସମୟ ଭିତ୍ତିରେ ମଣିଷ ଏବଂ ସାମଗ୍ରୀ ସହ ରିଲିଫ୍ ଅପରେଶନ୍ କରାଯାଇଥିଲା। ଆହତ ତଥା ଫସି ରହିଥିବା ଯାତ୍ରୀଙ୍କୁ ପ୍ରଭାବିତ କୋଚ୍‌ରୁ ବାହାର କରିବା, ଆହତମାନଙ୍କୁ ଡାକ୍ତରଖାନାକୁ ସ୍ଥାନାନ୍ତର, ଯାତ୍ରୀଙ୍କୁ ଖାଦ୍ୟସାମଗ୍ରୀ ଯୋଗାଇବା, ଅନୁକମ୍ପା ରାଶି ପ୍ରଦାନ କରିବା, ଯାତ୍ରୀଙ୍କ ଲଗେଜ୍ ଏବଂ ଜିନିଷପତ୍ରର ସୁରକ୍ଷା, ଭିଡ଼ ନିୟନ୍ତ୍ରଣ ଭଳି ଉଦ୍ଧାର କାର୍ଯ୍ୟ ଅନ୍ତର୍ଭୁକ୍ତ କରାଯାଇଥିଲା। ଲାଇନଚ୍ୟୁତ କୋଚ୍‌ଗୁଡ଼ିକର ପୁନଃ ଅବସ୍ଥାପନ, ରେଳ ଟ୍ରାକ୍‌ର ଫିଟନେସ୍ ଏବଂ ପ୍ରଭାବିତ ମାର୍ଗରେ ଟ୍ରେନ୍ କାର୍ଯ୍ୟକୁ ସ୍ୱାଭାବିକ କରିବା ପରି କାର୍ଯ୍ୟ ଦେଖିବାକୁ ମିଳିଥିଲା।







ନୟାଗଡ଼ ରେଳ ଷ୍ଟେଶନରେ ରେଲ୍‌ୱେ ପକ୍ଷରୁ ବିପର୍ଯ୍ୟୟ ପରିଚାଳନା ଅଭ୍ୟାସ କରାଯାଉଛି।

## ରେଲ୍‌ୱେ ପକ୍ଷରୁ ବିପର୍ଯ୍ୟୟ ପରିଚାଳନା ଅଭ୍ୟାସ

ଖୋର୍ଦ୍ଧାରୋଡ଼ ମଣ୍ଡଳର ମଣ୍ଡଳ ରେଳ ପ୍ରବନ୍ଧକ ଏଚ୍.ଏସ୍.ବାଜୱା ମକ୍‌ଡ୍ରିଲରେ ଅଂଶଗ୍ରହଣ କରି ଟ୍ରେନ୍ ଲାଇନଚ୍ୟୁତ କିମ୍ବା ଦୁର୍ଘଟଣା ପରି ଜରୁରିକାଳୀନ ପରିସ୍ଥିତିରେ ଉଦ୍ଧାର ଏବଂ ପୁନରୁଦ୍ଧାର କାର୍ଯ୍ୟ ପାଇଁ ନିଜକୁ ପ୍ରସ୍ତୁତ ରହିବାକୁ କର୍ମଚାରୀମାନଙ୍କୁ ଅନୁରୋଧ କରିଥିଲେ। ରେଳ ପ୍ରବନ୍ଧକ କହିଛନ୍ତି, ମକ୍‌ଡ୍ରିଲ ଦୁର୍ଘଟଣା ସମୟରେ, ପ୍ରକୃତ କାର୍ଯ୍ୟ ପାଇଁ ଏକ ପ୍ରତିକୃତି ଓ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ସହ ଯୋଗାଯୋଗ ଦକ୍ଷତା ବିକାଶ କରେ। ଖୋର୍ଦ୍ଧାରୋଡ଼ ମଣ୍ଡଳର ମେଡିକାଲ୍ ଟିମ୍, ଜାତୀୟ ବିପର୍ଯ୍ୟୟ ପ୍ରଶମନ ବାହିନୀ ମୁଣ୍ଡଳି ଓ କଟକ, ଓଡ଼ିଶା ବିପର୍ଯ୍ୟୟ ରାପିଡ୍ ଆକ୍ସନ୍ ଫୋର୍ସ, ଖୋର୍ଦ୍ଧା ଓ ନୟାଗଡ଼ର ଅଗ୍ନିଶମ ବିଭାଗ, ନୟାଗଡ଼ ଟାଉନ ଥାନା ପୋଲିସ, ରେଲୱେ ପୋଲିସ, ରେଳ ସୁରକ୍ଷା ବଳ, ସିଭିଲ ଡିଫେନ୍ସ, ଖୋର୍ଦ୍ଧାରୋଡ଼ ସ୍କାଉଟ୍ସ-ଗାଇଡ୍ସ ଏବଂ ସମସ୍ତ ଶାଖା ଅଧିକାରୀ ମକ୍‌ଡ୍ରିଲରେ ଅଂଶଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନୟାଗଡ଼ର ଅତିରିକ୍ତ ଜିଲାପାଳ ଦିଲୀପ କୁମାର ବଳ, ଜିଲା ଜରୁରିକାଳୀନ ଅଧିକାରୀ ଅନନ୍ୟା ତ୍ରିପାଠୀ ପ୍ରମୁଖ ମକ୍‌ଡ୍ରିଲରେ ଉପସ୍ଥିତ ଥିଲେ। ଖୋର୍ଦ୍ଧାର ବରିଷ୍ଠ ମଣ୍ଡଳ ସୁରକ୍ଷା ଅଧିକାରୀ ଏମ୍‌ଏନ୍‌ଏସ୍ ରମେଶଙ୍କ ନେତୃତ୍ୱରେ ମକ୍‌ଡ୍ରିଲ୍ ଆୟୋଜନ କରାଯାଇଥିଲା।

